## ସଂକ୍ଷେପରେ

### ଗାନ୍ଧିଜୀଙ୍କ ତିରୋଧାନ ଦିବସ

ଚଣ୍ଡିଖୋଲ,୩୧।୧(ପ୍ରଦୀପ୍ତକୁମାରପୃଷ୍ଟି):

ଚଣ୍ଡିଖୋଲ କୋର୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବାର ଆସୋସିଏଶନ ସମ୍ପାଦକ ପ୍ରକାଶ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସୋସିଏଶନ ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ପ୍ରତାପ ଦାସ, ଦେବରାଜ ବେହେରା, ସୁରେଶ ପଣ୍ଡା, ଉପସଭାପତି ଶ୍ରୀକାନ୍ତ ବଳ, କୋଷାଧ୍ୟକ୍ଷ ଚିନ୍ମୟ ପ୍ରତାପ, ବିରେନ ବିଶ୍ୱାଳ, ସୁରେଶ ସାହାଣୀ, ସୁବଳ କବି, କୈଳାସ ସାମଲ, ପବିତ୍ର କର, ଶିରିସ ସାମଲ ଓ ଅଶୋକ ଜେନା ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

### ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ ଏଟିଏମ୍ ସେବା ବ୍ୟାହତ

ରସୁଲପୁର,୩୧।୧(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ୍ ସେବା ବ୍ୟାହତ ହୋଇଛି। ଏଟିଏମ୍‌ରୁ ଟଙ୍କା ଉଠାଣ, ଜମାଖାତାରେ ଥିବା ଅର୍ଥରାଶି ପରିମାଣ ଯାଞ୍ଚ ଓ କାରବାର ସମ୍ପର୍କିତ ତଥ୍ୟ ହାସଲ କରିବାକୁ ଆସୁଥିବା ଗ୍ରାହକଙ୍କୁ ନିରାଶ ହେବାକୁ ପଡୁଛି। ଏଟିଏମ୍‌ରୁ ଜମା ସମ୍ପର୍କିତ ତଥ୍ୟ ମିଳୁନାହିଁ। ଗ୍ରାହକ ଆକାଉଣ୍ଟରୁ ଟଙ୍କା ଉଠାଇବାବେଳେ ଜମାଖାତାରୁ ଉଠାଣ ରାଶି ପରିମାଣ କଟିଯାଉଛି, ହେଲେ ମେଶିନରୁ ଟଙ୍କା ବାହାରୁନାହିଁ। ବରୀ ଅଞ୍ଚଳର ଜଣେ ଗ୍ରାହକ ଏଠାରୁ ୧୦ହଜାର ଟଙ୍କା ଉଠାଣ କରିବାକୁ ଯାଇଥିଲେ। ଏଟିଏମ୍ ଚାଲିଲା। ମାତ୍ର ଟଙ୍କା ବାହାରିଲାନାହିଁ। ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠିଲା ବୋଲି ମେସେଜ୍ ଆସିଥିଲା। ଏ ଦିଗରେ ଅବଗତ କରାଇବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଗ୍ରାହକମାନେ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭ ହୋଇ ପାରିନାହିଁ। ତାଙ୍କ ଭଳି ବହୁ ଗ୍ରାହକଙ୍କୁ ସମାନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଉକ୍ତ ଏଟିଏମ୍‌କୁ ମରାମତି କରିବା ସହ ଅସୁବିଧାର ସମ୍ମୁଖୀନ ହୋଇଥିବା ଗ୍ରାହକଙ୍କ ସମସ୍ୟା ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

### କପିଳେଶ୍ୱର ଯୁବକ ସଂଘର ବାର୍ଷିକ ଉତ୍ସବ

ରସୁଲପୁର,୩୧।୧(ରଂଜିତ ରାଉତ):

ରସୁଲପୁର ବ୍ଲକର ଅଗ୍ରଣୀ ସାମାଜିକ ସଂଗଠନ ସିଂହାପୁର ପଞ୍ଚାୟତ ବାମଦେବପୁରସ୍ଥିତ କପିଳେଶ୍ୱର ଯୁବକ ସଂଘର ବାର୍ଷିକ ଉତ୍ସବ ଓ ପୂଜ୍ୟପୂଜା ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଦୁଇ ଦିନ ଧରି ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଉତ୍ସବ ଆରମ୍ଭରୁ ଗାଁ ଦାଣ୍ଡ ସଫେଇ କରାଯାଇଥିଲା। କେତେଜଣ ଗରିବ ଅସହାୟ ପରିବାରକୁ କମ୍ବଳ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସାଧାରଣଜ୍ଞାନ ଓ ଗ୍ରାମର ମହିଳା ଏବଂ ଯୁବତୀମାନଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ନୀଳମଣି ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକସଭା ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ହୃଦାନନ୍ଦ ସାହୁ, ସାମାଜିକକର୍ମୀ ଅଭିମନ୍ୟୁ ସାହୁ, ମିନତି ସାହୁ ଓ ବିଜୟ ଦେବତା ପ୍ରମୁଖ ଯୋଗଦେଇ ଯୁବକମାନଙ୍କ ସମାଜ ପ୍ରତି ଥିବା କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବ ସବୁ ବର୍ଗର ପ୍ରତିଭାମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରିବାର ସୁଯୋଗ ସୃଷ୍ଟି କରିପାରିଛି ବୋଲି ମତପ୍ରକାଶ ପାଇଥିଲା।

ନୃତ୍ୟ ପ୍ରତିଯୋଗିତାକୁ ଦର୍ଶକ ଉପଭୋଗ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଦିବସରେ ଆନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ସଂଘ ଉପଦେଷ୍ଟା ସୁରେଶ ଶରଣ, ବିଜୟ ଶରଣ, ସୁବାସ ମହାପାତ୍ର, ସତ୍ୟ ନାରାୟଣ ଦେବତା, ଗୟାଧର ପ୍ରଧାନ, ପ୍ରମୋଦ ମହାପାତ୍ର ଓ କ୍ଷେତ୍ରବାସୀ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ସଂଘ ସଭାପତି ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ପୂର୍ତ୍ତ, ଆରଡ଼ି ରାସ୍ତା ମରଣଯନ୍ତା

■ ବରଡା-ତୁରଙ୍ଗ, ଜାରକା କବାଟବନ୍ଧ ନଦୀବନ୍ଧ ରାସ୍ତାରେ ଫାଟ, ଗାତ

■ ନିମ୍ନମାନର କାର୍ଯ୍ୟ,ତାଗିଦ କରି ପାରୁନାହାନ୍ତି ଅଧୀକ୍ଷଣ ଯନ୍ତ୍ରୀ



ବରଡା-ତୁରଙ୍ଗ ରାସ୍ତାରେ ଖାଲଖମା ।



ଜାରକା-କବାଟବନ୍ଧ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି।

ଯାଜପୁର,୩୧।୧(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଗ୍ରାମଗୁଡ଼ିକୁ ପକ୍କା ରାସ୍ତା ସଂଯୋଗୀକରଣ କରିବାରେ ଦଶନ୍ଧି ପୂର୍ବରୁ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଏଠାରେ କ୍ରମଶଃ ଠିକାଦାରୀ ରାଜନୀତି ବଢ଼ିବା ସହ ପୂର୍ତ୍ତ ଓ ଗ୍ରାମ୍ୟ ନିର୍ମାଣ ବିଭାଗର ରାସ୍ତା କାର୍ଯ୍ୟଗୁଡ଼ିକ ଅତି ନିମ୍ନମାନର ହେବାକୁ ବସିଲା। ଫଳସ୍ୱରୂପ ବିପୁଳ ଅର୍ଥ ବ୍ୟୟ କରି ନିର୍ମାଣ ହେଉଥିବା ରାସ୍ତାର ସ୍ଥାୟିତ୍ୱ କେବଳ ବର୍ଷକ ଭିତରେ ସୀମିତ ରହିଲା। ଏହିକ୍ରମରେ ଏକାଧିକ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏଠାରେ ଧର୍ମଶାଳା ବ୍ଲକ ମହିଶରା ପଞ୍ଚାୟତର ଗ୍ରାମ୍ୟ ନିର୍ମାଣ ବିଭାଗର ବରଡା-ତୁରଙ୍ଗ ରାସ୍ତା ଏବଂ ପୂର୍ତ୍ତ ବିଭାଗର ଜାରକା-କବାଟବନ୍ଧ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାଦ୍ୱୟକୁ ଉଦାହରଣ ଭାବେ ନିଆଯାଇପାରେ।

ଧର୍ମଶାଳା ବ୍ଲକ ଜନ ଅଭିଯୋଗ ଶୁଣାଣି ଶିବିରରେ ବରଡା-ତୁରଙ୍ଗ ରାସ୍ତା ମରଣଯନ୍ତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ ଏହି ରାସ୍ତାର ନିର୍ମାଣ ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ଜିଲାର ବିଭିନ୍ନ ଅଞ୍ଚଳରେ ପକ୍କା ରାସ୍ତାଗୁଡିକ ନିର୍ମାଣ ହେଉଥିବାବେଳେ ବରଡା-ତୁରଙ୍ଗ ରାସ୍ତା ପ୍ରତି ଅଣଦେଖା କରାଯାଉଛି। ଉକ୍ତ ରାସ୍ତା ଉପରେ ଦୈନନ୍ଦିନ ନିର୍ଭର କରୁଥିବା ଅଧା ବ୍ଲକର ଲୋକଙ୍କ ଜୀବନ ସହିତ ବିଭାଗ ଖେଳ ଖେଳୁଛି। ତୁରଙ୍ଗ-ବରଡା ରାସ୍ତା ଯାଜପୁର ଓ ପଡ଼ୋଶୀ ଢେଙ୍କାନାଳ ଜିଲାକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଉଭୟ ଜିଲାର ଲୋକେ ଯାତାୟତ କରିଥାନ୍ତି । ଏହା ସ୍ଥାନୀୟ ଅଞ୍ଚଳର ଜୀବନ ରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଶେଷ କରି ଉକ୍ତ ରାସ୍ତା ଦେଇ ଧର୍ମଶାଳା ତହସିଲ ରାହାଡପୁର, ଡଙ୍କାରି, ଲୁଣିବର, ବରଡା ଇତ୍ୟାଦି କଳାପଥର ଖାଦାନରୁ ଦୈନିକ ଶତାଧିକ ଟ୍ରିପ କଳାପଥର ପରିବହନ ହେଉଛି। ଏହାସହ ଶତାଧିକ ଷ୍ଟୋନ କ୍ରଶର ଏହି ରାସ୍ତା କଡରେ ରହିଛି। ତେଣୁ ରାସ୍ତାର ଉପଯୁକ୍ତ ନିର୍ମାଣ ହେଉ ନ ଥିବାରୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ହେଉଥିବାର ନଜିର ରହିଛି। ଜିଲାର ଅନ୍ୟ ତହସିଲ ତୁଳନାରେ ଧର୍ମଶାଳା ତହସିଲରୁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି(ଡିଏମ୍ଏଫ୍)କୁ ସର୍ବାଧିକ ଅର୍ଥ ଆଦାୟ କରାଯାଉଛି। କିନ୍ତୁ ଏଭଳି ରାସ୍ତାର ଦୁରବସ୍ଥା ଅଞ୍ଚଳବାସୀଙ୍କ ଆଶ୍ଚର୍ଯ୍ୟଚକିତ କରିଛି। ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନରେ ଅତ୍ୟଧିକ ପିସି ରାଜ, ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା କରି ଅତି ନିମ୍ନମାନର କାର୍ଯ୍ୟ ଏଥିପାଇଁ ଦାୟୀ ବୋଲି ମତପ୍ରକାଶ ପାଇଛି। ଏଭଳି ରାସ୍ତାଗୁଡ଼ିକର ଅବସ୍ଥା ପାଇଁ ସ୍ଥାନୀୟ ଶାସକ ଦଳର ନେତୃବର୍ଗ ବଦନାମ ହେଉଛନ୍ତି ବୋଲି ଚର୍ଚ୍ଚା ହେଉଛି।

ପାଣିକୋଇଲି ପୂର୍ତ୍ତ(ଆର୍ ଏଣ୍ଡ ବି) ବିଭାଗ ଅଧୀନ ଏକାଧିକ ରାସ୍ତା ନିମ୍ନମାନର ହେଉଥିବା ସହ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ କେତେକ ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ହେଉଛି। ଏଠାରେ ଜାରକା କବାଟବନ୍ଧ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ସାମାନ୍ୟ ବର୍ଷାରେ ରାସ୍ତାର ଦୁଇ ପାର୍ଶ୍ୱରେ ଅଧିକାଂଶ ସ୍ଥାନରେ ମାଟି ଧସି ଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ବିଶେଷ କରି ଉକ୍ତ ରାସ୍ତାର କୁସ୍ତିରା ଛକରୁ ୫୦ମିଟର ହେବ ଓ ଜେନାପୁର ଲକ ବଜାର, ଦହିପୁର ଏହି ପରି ରାସ୍ତାର ଅନେକ ସ୍ଥାନରେ ବ୍ରହ୍ମଣୀ ନଦୀ ବନ୍ଧ ରାସ୍ତାର ମାଟି ଧୋଇ ହୋଇଯାଇଛି। ରାସ୍ତା କଡ଼ ଓ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି । ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶତାଧିକ ଭାରିଯାନ ସହ ଜରୁରୀକାଳୀନ ଯାନବାହାନ ଯାତାୟତ କରୁଛି । ଅପରପକ୍ଷେ ୧୧ ଓ ୧୨ ନମ୍ବର ଜିଲା ପରିଷଦ ଜୋନରେ ବସବାସ କରୁଥିବା ଲୋକମାନଙ୍କ ଏହା ମୁଖ୍ୟ ରାସ୍ତା। ନିର୍ମାଣ ସମୟରେ କିମ୍ବା ରାସ୍ତା କାର୍ଯ୍ୟ ଶେଷ ହେବା ପରେ ପୂର୍ତ୍ତ ବିଭାଗୀୟ ତଦନ୍ତକାରୀ ଅଧିକାରୀ ଓ ଯନ୍ତ୍ରୀ ଉପଯୁକ୍ତ ଭାବେ ଦୃଷ୍ଟି ଦେଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମତପ୍ରକାଶ ପାଇଛି। ବିଶେଷ କରି ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅଧୀକ୍ଷଣ ଯନ୍ତ୍ରୀ ପର୍ଯ୍ୟନ୍ତ ପିସି କାରବାର ଯୋଗୁ ଠିକାଦାରଙ୍କୁ ମୁହଁ ଖୋଲି କହି ପାରୁ ନ ଥିବା ଚର୍ଚ୍ଚା ହେଉଛି। ତେବେ ଜନଶୁଣାଣୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରା ରାସ୍ତା ଉପରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୨ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ

ବରୀ,୩୧।୧(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଞ୍ଚଳରେ ୨ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ୬୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ୨ ସେତୁର ବିଧାୟିକା ସୁନନ୍ଦା ଦାସ ଶିଳାନ୍ୟାସ କରିଛନ୍ତି। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୫ କୋଟି ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀର ବାଇଁଶିରିଆ-ସାରଙ୍ଗପୁର ରାସ୍ତାର ଏକ ସେତୁ ନିର୍ମାଣ କରାଯିବ। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ଭଅଁରା ପଞ୍ଚାୟତ ଚଟୁମାରୀ-ବନ୍ଧମୁଣ୍ଡା ରାସ୍ତାର ତନ୍ତିଘାଇ ନଦୀରେ ୫୧ କୋଟି ୭୯ ଲକ୍ଷ ଟଙ୍କା ବ୍ୟୟରେ ଅନ୍ୟ ଏକ ସେତୁ ନିର୍ମାଣ କରାଯିବ। ଏହି ୨ ସେତୁ ବିଦଗ୍ଧ କବିଙ୍କ ଜନ୍ମ ପୀଠରୁ ବିରଜା କ୍ଷେତ୍ରକୁ ସଂଯୋଗର ମୁଖ୍ୟ ମାଧ୍ୟମ ପାଲଟିବ। ଅନ୍ୟପକ୍ଷରେ ବରୀଠାରୁ ଯାଜପୁର ଟାଉନକୁ ଯାତାୟତ ପାଇଁ ପ୍ରାୟ ୧୩ କିଲୋମିଟର ରାସ୍ତା କମ ହୋଇଯିବ। ଶିଳାନ୍ୟାସ ଉତ୍ସବରେ ବରୀ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ସ୍ୱାଇଁଖଣ୍ଡ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ଭଅଁରା ସରପଞ୍ଚ ପ୍ରଭାତୀ ପଲାଇ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ବିଜୟ ନାୟକ ଓ ଦୁଷ୍ମନ୍ତ ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ସେତୁ ଶିଳାନ୍ୟାସ ଉତ୍ସବରେ ବିଧାୟିକଙ୍କ ସମେତ ଅନ୍ୟମାନେ।

## ମୋତିଆ ବିନ୍ଦୁ ଚିହ୍ନଟ ଶିବିର

ରସୁଲପୁର,୩୧।୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଶ୍ରୀଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟରେ ବିପଦର ବନ୍ଧୁ ସଂଗଠନ ପକ୍ଷରୁ ମାଗଣା ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲିପିକା ପ୍ରଧାନ, ଜ୍ଞାନେନ୍ଦ୍ର ଖୁଣ୍ଟିଆ ଓ ଦୀପ୍ତିମୟୀ କଅଁର ଡାକ୍ତରୀ ଦଳ ଦ୍ୱାରା ଶିବିରରେ ୩୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୧ ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଥିଲା। ଅନ୍ୟମାନଙ୍କ ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା। ଅସ୍ତ୍ରୋପଚାର ହେବାକୁ ଥିବା ରୋଗୀଙ୍କୁ ଶୁଶ୍ରୁଷା ଚକ୍ଷୁ ଚିକିତ୍ସାଳୟ ଦାନଗଦି ପଠାଯାଇଥିଲା। ୫ ଜଣ ଗରିବ ଲୋକଙ୍କୁ କମ୍ବଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପରେ ସାମ୍ବାଦିକ ପ୍ରଶାନ୍ତ କୁମାର ନାୟକଙ୍କୁ ବିପଦର ବନ୍ଧୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ସୋପାନ କାର୍ଯ୍ୟକ୍ରମରେ ସଂଗଠନ ଉପଦେଷ୍ଟା ନିହାର ରଞ୍ଜନ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨ ବର୍ଷ ପାଇଁ ସର୍ବ ସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଗଠନ ସଭାପତି ବସନ୍ତ ଶତପଥୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଣେଶର ସାହୁ, ପରିଚାଳନା କମିଟି ସଭାପତି ପବିତ୍ର ପାତ୍ର, ଭଗବାନ ଦାସ, ବିଦ୍ୟାଧର ସାହୁ, ଅଭିନ ସାହୁ, ଶିବରାମ ନନ୍ଦ, ବିଶ୍ୱନାଥ ପଣ୍ଡା, ଗୋପାଳ ପାତ୍ର, ନିମାଇ ପଣ୍ଡା, ବିଷ୍ଣୁ ସାମଲ, ବିଶ୍ୱଜିତ ଦାସ, ଶୁଭେନ୍ଦୁ ଶତପଥୀ, ଅଜିତ ରାମ, ଆଶିଷ ମିଶ୍ର ପାତ୍ର, ସୁଶାନ୍ତ ମଲିକ, ପ୍ରଦୀପ ସାମଲ ଓ ଅଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଶିବିରରେ ବିପଦର ବନ୍ଧୁ ସଂଗଠନ ସଦସ୍ୟ, ଡାକ୍ତରୀ ଟିମ୍ ଓ ଅନ୍ୟମାନେ।

## ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ




ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ରହ୍ମବରଦା,୩୧।୧(ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଡ. ସୁଦର୍ଶନ ପୃଷ୍ଟିଙ୍କ ଅଧକ୍ଷତାରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବରୀ ବିଧାୟିକା ସୁନନ୍ଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପାଢ଼ୀ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ, ସାମାଜିକ କର୍ମୀ ବିପିନ ବିହାରୀ ଦେଓ, ପ୍ରଦୀପ ଦାସ, ସମିତି ସଭ୍ୟା ରୁକସାନା ପରଭିନ ଓ ଶିକ୍ଷାବିତ ଆଲ୍ଲାଉଦ୍ଦିନ ଖାଁ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ବିକାଶ ଦିଗରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ଓଡ଼ିଆ ଭାଷା, ହସ୍ତାକ୍ଷର, କବିତା, ଭଜନ, ବ୍ୟାକରଣ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦାୟୀ ଶିକ୍ଷା କର୍ମଚାରୀ ଭାବେ ଅଧକ୍ଷ ସୁଦର୍ଶନ ପୃଷ୍ଟି, ସେକ୍ ନିୟାମତ ହୁସେନ, ଦିଲୀପ ସାହୁ, ଡ. ବିକ୍ରମ କୁମାର ମହାପାତ୍ର, ସେକ ନିଜାମୁଦ୍ଦିନ ଓ ଅଫିସ୍ ସହାୟକ ବିଷ୍ଣୁଚରଣ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ମନୋଜ ପୃଷ୍ଟି, ସୁକାନ୍ତ ସାହୁ, ବନଲତ ଲେଙ୍କା, ରଶ୍ମିତା ସାମଲ, ସ୍ୱରୁପାନନ୍ଦ ନାୟକ, ଦୁଲୁନା ବାରିକ, ଶ୍ରୀନିବାସ ଜେନା, ନିୟାମୁତ ହୁସନ, ବଳରାମ ରାଉତ, ବୈଲୋଚନ ସାହାଣୀ, ଆଲୋକ ବେହେରା, ସତ୍ୟାନନ୍ଦ ରାଉତ, ଶ୍ରୀଧର ସାହୁ, ଅରକ୍ଷିତ ସାହୁ, ଅଶୋକ ଜେନା ଓ ଅଟଳ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଅକ୍ଷୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରାଜକିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରାଧାନାଥ ପ୍ରଶିକ୍ଷଣ ବିଦ୍ୟାଳୟ ୧୯୮୪ ବ୍ୟାଚ୍‌ର ବନ୍ଧୁମିଳନ

ଧର୍ମଶାଳା,୩୧।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ କଟକ ରାଧାନାଥ ପ୍ରଶିକ୍ଷଣ ବିଦ୍ୟାଳୟ ୧୯୮୪ ବ୍ୟାଚର ଏକ ବନ୍ଧୁମିଳନ ଯୁଧିଷ୍ଠିର ମଲିକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୪୧ଜଣ ଛାତ୍ର ଏକତ୍ରିତ ହୋଇ ଦୀର୍ଘ ୪୦ ବର୍ଷର ଅନୁଭୂତି ଓ ପାରିବାରିକ ସ୍ଥିତି ବଖାଣିଥିଲେ। ବ୍ୟାଚର ୬୦ଜଣ ଛାତ୍ରଙ୍କ ମଧ୍ୟରୁ ୮ଜଣ ଇହଧାମ କରିଥିବାରୁ ତାଙ୍କ ଅମର ଆତ୍ମାର ଶାନ୍ତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମାଜ ସେବା ପାଇଁ ଏକ ସଙ୍ଗଠନ ଗଠନ କରିବାକୁ ମତପ୍ରକାଶ ପାଇଥିଲା। ଏଥିସହିତ ସଙ୍ଗଠନର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଗୁଣ ନାୟକ, ଉପସଭାପତି ତାରିଣୀସେନ ବେହୁରିଆ, ସମ୍ପାଦକ ଭାବେ ରଜନୀକାନ୍ତ କର, ସହସମ୍ପାଦକ ଭାବେ ମହେନ୍ଦ୍ର କୁମାର ଓଝା, ସାଙ୍ଗଠନିକ ସମ୍ପାଦକ ଭାବେ ଜଗମୋହନ ଦିକ୍ଷିତ ଓ କୋଷାଧ୍ୟକ୍ଷ ଭାବେ ନିଗମାନନ୍ଦ ସାହୁଙ୍କୁ ଚୟନ କରାଯାଇଥିଲା।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



କାର୍ଯ୍ୟକ୍ରମରେ ସିଂହପୁର ଉଚ୍ଚ ବିଦ୍ୟାଳୟ ୧୯୭୯ ବ୍ୟାଚର ଛାତ୍ରୀଛାତ୍ର ଓ ଅନ୍ୟମାନେ।

ସିଂହପୁର,୩୧।୧ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଉଚ୍ଚ ବିଦ୍ୟାଳୟ ୧୯୭୯ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ମା' ଦରିଆ ନାହାକାଣୀ ନିକଟ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୪ ବର୍ଷ ପରେ ଛାତ୍ରୀଛାତ୍ର ଏକତ୍ରିତ ହୋଇ ପଢ଼ା ସମୟର ସ୍ମୃତି ମନେପକାଇଛନ୍ତି। ଏଥିରେ ସେବା ନିବୃତ୍ତ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସାମଲ ସଭାପତିତ୍ୱ କରିଥିଲେ। କୃଷ୍ଣଚନ୍ଦ୍ର ଥାଟୋଇ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ଚନ୍ଦ୍ର ସାମଲ, ବଟକୃଷ୍ଣ ମଲ୍ଲିକ, ପ୍ରହ୍ଲାଦ ପଣ୍ଡା, ନାରାୟଣ ଚନ୍ଦ୍ର ଦାସ ଓ କଲ୍ୟାଣୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ନୃତ୍ୟ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବୋଧ ଦାସ, ଉମେଶ ଥାଟୋଇ, ଅସିତ ଧଳ, ବିନୋଦ ବିହାରୀ ଦାସ, ହରେକୃଷ୍ଣ ଦାସ, ମର୍କତ ମଞ୍ଜରୀ ବେଉରିଆ, ସୁବାସ ଚନ୍ଦ୍ର ନାୟକ, ସନ୍ୟାସୀ ସାହୁ, ବିଣାପାଣୀ ବିନ୍ଧାଣି, ମନୋଜ ସାହୁ, ମନୋରମା ସାହୁ, ପ୍ରତାପ ଧଳ, ଅଶୋକ ଖିଲାର, ପୁଷ୍ପଲତା ଜେନା, ଗୌରାଙ୍ଗ ଧଳ, ବିଭୁତି ଧଳ, ଦିଲୀପ ବିଶ୍ୱାଳ ଓ ଦେବେନ୍ଦ୍ର ସାମଲଙ୍କ ସମେତ ବ୍ୟାଚ୍‌ର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ମା' ଦରିଆ ନାହାକାଣୀ ପୀଠ ସଫେଇ କରାଯିବା ସହ ପଲିଥିନ ବ୍ୟବହାର ପରିତ୍ୟାଗ ପାଇଁ ବାର୍ତ୍ତା ଦିଆଯାଇଥିଲା। ପୁରାତନ ଛାତ୍ର ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ବୁଣାକାର ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ

୪ ସମିତିକୁ ୪୦ ନିପୁଣ କାରିଗର ପ୍ରାପ୍ତ ହେବ



ଶିବିର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ରସୁଲପୁର,୩୧।୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳର ଟସର ବସ୍ତ୍ର ପାଇଁ ପ୍ରସିଦ୍ଧ ବୁଣାକାରଙ୍କ ଗାଁ ଗୋପାଳପୁରଠାରେ ବୁଧବାର ଭିନ୍ନଭିନ୍ନ ସ୍ଥାନରେ ୪ ବୁଣାକାର ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିର ଜରିଆରେ ୪ ମାସରେ ୪ ସମିତିକୁ ୪୦ଜଣ ନିପୁଣ କାରିଗର ପ୍ରାପ୍ତ ହେବେ ବୋଲି ସୂଚନା ମିଳିଛି। ଲୁଗା ବୁଣାବୁଣିରେ ପ୍ରମୁଖ ଅଂଶ ବୋଲି କୁହାଯାଉଥିବା 'ଜାକଡ' ପାଇଁ ୪ ସମିତିର ଦକ୍ଷ କାରିଗରଙ୍କୁ ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ସମିତିରୁ ୧୦ କାରିଗରଙ୍କୁ ଶିବିର ପାଇଁ ଚୟନ କରାଯାଇଛି। ଚଳିତଥର ବାହାର ଜିଲାର ସମ୍ବଳ ଅଧିକାରୀଙ୍କ ଛଡ଼ା ଗୋପାଳପୁର ଗାଁର ମାଷ୍ଟର ଟ୍ରେନରମାନେ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ଶିବିରାର୍ଥୀ ନିୟମିତ ତାଲିମ ଶିବିରକୁ ଆସିବା ସହ ଶିବିରରୁ ଜ୍ଞାନକୌଶଳ ଆହରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ଏଠାରେ ହାତ ଓ ତନ୍ତ ସହାୟତାରେ ଲୁଗା ବୁଣାଯାଉଛି। ବସ୍ତ୍ରଗୁଡ଼ିକୁ ଅଧିକ ଆକର୍ଷଣୀୟ, ସୁନ୍ଦର ଡିଜାଇନ, ଗ୍ରାହକଙ୍କ ମନକୁ ଛୁଇଁଲା ଭଳି ଅତ୍ୟାଧୁନିକ କାଳକୃତି ପ୍ରଦର୍ଶିତ କରିବା ପାଇଁ ଉଦ୍ଦିଷ୍ଟ ଜାକଡ ତାଲିମ ବୁଣାବୁଣିର ଏକ ପ୍ରମୁଖ ତାଲିମ ବୋଲି କୁହାଯାଉଛି। ଶିବିର ଜରିଆରେ ମହିଳା ବୁଣାକାରଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଶିବିରାର୍ଥୀଙ୍କୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ପାରିଶ୍ରମିକ ରାଶି ହାରରେ ପ୍ରତ୍ୟେହ ୨୦୦ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ତାଲିମପ୍ରାପ୍ତ ଶିବିରାର୍ଥୀଙ୍କୁ ୪୫ ହଜାର ଟଙ୍କା ମୂଲ୍ୟର ଜାକଡ଼ ଯନ୍ତ୍ରାଂଶ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି।

ଶିବିରରେ ମୁଖ୍ୟଅତିଥିଭାବେ କଟକ ବୟନ ମଣ୍ଡଳ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ସମ୍ମାନିତ ଅତିଥି ବୟନ ମଣ୍ଡଳ ଉପନିବନ୍ଧକ ବିଜୟ ନାୟକ, ବୟନ ତତ୍ତ୍ୱାବଧାରକ ମାନସ ରଞ୍ଜନ ପାଣିଗ୍ରାହୀ, ବୟନ ନିରୀକ୍ଷକ ଅଶୋକ ମିଶ୍ର, ବୈଷୟିକ ସହାୟକ ବୈଷ୍ଣବ ଚରଣ ବେହେରା, ଶ୍ରୀକାନ୍ତ ମିଶ୍ର, ମନୋରମା ମଲିକ ଓ ଶ୍ରୀନିବାସ ସୁର ପ୍ରମୁଖ ଯୋଗଦେଇ ବିଭିନ୍ନ ସମିତି ପରିଦର୍ଶନ କରିବା ସହ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ।

ଶ୍ରୀହରି ଟସର ଆଣ୍ଡ ସିଲକ୍ ତନ୍ତୁବାୟ ସମିତିର ତାଲିମ ଶିବିରର ଉଦ୍‌ଘାଟନୀ ଉତ୍ସବରେ ସମିତି ସଭାପତି ସୁରେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ସମ୍ପାଦକ ହରିହର ଦାସ ଶିବିର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ପଦ୍ମାଳୟା ବୁଣାକାର ତନ୍ତୁବାୟ ସମିତିରେ ସଭାନେତ୍ରୀ ମମତା ଦାସ, ସମ୍ପାଦକ ପ୍ରାଣକୃଷ୍ଣ ଦତ୍ତ, ମହାବୀର ତନ୍ତୁବାୟ ସମିତି ସଭାପତି ପୁରଷୋତ୍ତମ ଦାସ, ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ଓ ଗୋକର୍ଣ୍ଣେଶ୍ୱର ବୁଣାକାର ସମିତି ସଭାପତି ପୀତାମ୍ବର ସୁରଙ୍କ ସମିତିଗୁଡ଼ିକର କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇ ଶିବିରଗୁଡ଼ିକୁ ପରିଚାଳନା କରିଥିଲେ। ବୁଣାକର ନେତା ରମେଶ ଦାସ, ଅଶୋକ ଗୁଇଁ ପ୍ରମୁଖ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଅତିଥିଙ୍କୁ ବୁଣାକାରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବୁଣାବୁଣି ଦିଗରେ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାର ତାଲିମ ଓ ତା'ର ଉପଯୋଗିତା ସମ୍ପର୍କରେ ଅତିଥିମାନେ ଶିବିରାର୍ଥୀ ଏବଂ ସମିତିର କାର୍ଯ୍ୟକର୍ତ୍ତାଙ୍କୁ ଅବତ କରାଇବା ସହ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରାଇଥିଲେ। ଶ୍ରୀବିଷ୍ଣୁ ତନ୍ତୁବାୟ ସମିତି ସମ୍ପାଦକ ମାନସ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମିନିଟ୍ରକ୍-ପିକ୍ଅପ୍ ଭ୍ୟାନ୍ ଧକ୍କା, ଚାଳକ ମୃତ



ଡେରାବିଶ,୩୧।୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ୍ ଚାନ୍ଦୋଳ ବଜାରରେ ବୁଧବାର ପ୍ରତ୍ୟୁଷରୁ କଟକ ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ପିକ୍ଅପ୍ ଭ୍ୟାନ୍ (ନଂ.ଓଡି-୦୫-ବି.ଏଚ୍-୯୨୫୦) ସହିତ କେନ୍ଦ୍ରାପଡ଼ା ଅଭିମୁଖେ ଦାନା ବୋଝେଇ କରି ଯାଉଥିବା ଏକ ମିନିଟ୍ରକ(ନଂ.ଓଡି-୦୫-ଏନ୍-୪୩୯୮)ର ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ିର ଡ୍ରାଇଭର ଗୁରୁତର ଅବସ୍ଥାରେ ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକମାନେ ପ୍ରଥମେ ପିକ୍ଅପ୍ ଭ୍ୟାନ୍‌ର ଡ୍ରାଇଭରଙ୍କୁ ଗାଡ଼ିରୁ ବହୁ କଷ୍ଟରେ ବାହାର କରିଥିଲେ। ହେଲେ ସେ କ୍ଷତାକ୍ତ ଅବସ୍ଥାରେ ସେଠାରୁ ଚମ୍ପଟ ମାରିଥିଲେ । ପରେ ସ୍ଥାନୀୟ ଲୋକମାନେ ଅଗ୍ନିଶମ କେନ୍ଦ୍ର ଓ ସଦର ଥାନାକୁ ଫୋନ୍ କରିଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପିକ୍ଅପ୍ ଭ୍ୟାନ୍‌କୁ ଅନ୍ୟ ଗାଡ଼ି ସହାୟତାରେ ଘୁଞ୍ଚାଇବା ପରେ ମିନିଟ୍ରକ ଆଗପଟକୁ ତାଡ଼ି ଡ୍ରାଇଭରଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ହେଲେ ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ରଞ୍ଜନ ମଲିକ । ସଦରଥାନା ଅଧିକାରୀ ସରୋଜ ସାହୁ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛନ୍ତି । ଏନେଇ ଏକ ମାମଲା(ନଂ. ୮୦/୨୦୨୪)ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ଟ୍ରକ୍ ପଛରେ ପିଟିହେଲା ବାଇକ୍, ୨ ଗୁରୁତର

ପଟ୍ଟାମୁଣ୍ଡାଇ,୩୧।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ନିକଟ କାକୁଡିପଲ୍ଲୀ ଛକଠାରେ ଟ୍ରକ୍ ପଛରେ ବାଇକ୍ ଧକ୍କା ଦେବାରୁ ୩ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ଅଛନ୍ତି । ଉଭୟଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ନିମପୁର ଗାଁର ଯିଶୁକ୍ରିଷ୍ଟ ବାରିକ, କାହ୍ନୁଚରଣ ବାରିକ, ନାରାୟଣ ବାରିକ । ବୁଧବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ବଜାରରୁ ଏକ ବାଇକ୍‌ରେ ଯିଶୁ, କାହ୍ନୁ ଓ ନାରାୟଣ ପଟ୍ଟାମୁଣ୍ଡାଇ-ରାଜନଗର ପୁରୁଣା ରାସ୍ତାରେ ନିମପୁର ଆଡକୁ ଯାଉଥିଲେ । ରାଜନଗର ଅଭିମୁଖେ ଯାଉଥିବା ଏକ ଆଇଚର ଟ୍ରକ ହଠାତ୍ କାକୁଡିପଲ୍ଲୀ ନିକଟ ରାସ୍ତାରେ ବ୍ରେକ୍ କରି ଦେବାରୁ ପଛରୁ ଆସୁଥିବା ଏହି ବାଇକ୍‌ଟି ଟ୍ରକ୍ ପଛରେ ପିଟି ହୋଇଯାଇଥିଲା । ଫଳରେ ୩ଜଣ ଟ୍ରକ୍ ପଛରେ ପିଟି ହୋଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

# ୨୫ ପ୍ରତିଶତ ପଞ୍ଚାୟତରେ ସୋସିଆଲ ଅଡିଟ୍ ହୋଇନି

 କେନ୍ଦ୍ରାପଡ଼ା,୩୧।୧ (ଜଗନ୍ନାଥ ଧଳ)

**କେନ୍ଦ୍ରାପଡ଼ାରେ ଏମ୍‌ଜିଏନ୍‌ଆରଇଜିଏସ୍**
- ପ୍ରକଳ୍ପ ନିର୍ମାଣରେ ସଫଳତା ହାର କମୁଛି
- ରାଜନଗରରେ ଗୋଟିଏ ପ୍ରକଳ୍ପ ଶେଷ ହୋଇନାହିଁ

କେନ୍ଦ୍ରାପଡ଼ା ଜିଲାରେ କର୍ମ ନିଯୁକ୍ତି ଏକ ସମସ୍ୟା । ଶିଳ୍ପ ପ୍ରତିଷ୍ଠାନ ଅଥବା କୃଷିଭିତ୍ତିକ ଶିଳ୍ପ ନାହିଁ। ଅର୍ଥକାରୀ ଫସଲ ଉତ୍ପାଦନ ପାଇଁ ଭିତ୍ତିଭୂମୀ ନ ଥିବାରୁ ଶ୍ରମ ପାଇଁ ଆଗ୍ରହୀ ଯୁବବର୍ଗ କର୍ମ ନିଯୁକ୍ତି ପାଇଁ ଜିଲା ବାହାରକୁ ଯାଉଛନ୍ତି । ଅପରପକ୍ଷେ ନିଜ ଅଞ୍ଚଳରେ ଶ୍ରମ ସୁଯୋଗ ସୃଷ୍ଟି ପାଇଁ କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଏହି ଜିଲାରେ ଏକ ପ୍ରକାର ସ୍ଥାଣୁ ପାଲଟି ଥିବା ଦେଖାଦେଇଛି । ୩ ବର୍ଷର ଅନୁମୋଦିତ ପ୍ରକଳ୍ପ ଓ ଏହାର କାର୍ଯ୍ୟ ସମ୍ପାଦନ ଶୈଳୀର ତଥ୍ୟ ଏହାକୁ ସ୍ପଷ୍ଟ କରିଛି । ସେହିପରି ବର୍ଷକୁ ଦୁଇଥର ପାଇଁ ନିୟମ ରହିଥିବା ବେଳେ ଜିଲାର ୨୪୯ ପଞ୍ଚାୟତ ମଧ୍ୟରୁ ପ୍ରାୟ ୨୫ ପ୍ରତିଶତରେ ଥରଟିଏ ମଧ୍ୟ ସୋସିଆଲ ଅଡିଟ୍ ହୋଇନାହିଁ। ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ୮୦୦୮ଟି ପ୍ରକଳ୍ପର କାର୍ଯ୍ୟକାରୀ ପାଇଁ ନିଆ ଯାଇଥିଲା । ଏହି ଆର୍ଥିକ ବର୍ଷରେ ୭୭୯୧୩ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ରେକର୍ଡ ପରିମାଣର ୯୭.୨୮ ପ୍ରତିଶତ ସଫଳ ହୋଇଥିଲା। ତେବେ ଗତ ୨୦୨୧- ୨୨ ଆର୍ଥିକ ବର୍ଷରେ ପ୍ରକଳ୍ପ କାର୍ଯ୍ୟକାରୀରେ ଜିଲା ପ୍ରଶାସନର ସ୍ଥାଣୁତା ଦେଖା ଦେଇଛି । ସେହି ଆର୍ଥିକ ବର୍ଷରେ ୧୩୧୧୯ଟି ପ୍ରକଳ୍ପ ମଧ୍ୟରୁ ମାତ୍ର ୪୧.୧୫ ପ୍ରତିଶତ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ୭୩୦୮ଟି ପ୍ରକଳ୍ପ ମଧ୍ୟରୁ ମାତ୍ର ୧୬.୯ ପ୍ରତିଶତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିଛି। ଚଳିତ ଆର୍ଥିକ ବର୍ଷ ସରିବାକୁ ମାତ୍ର ୨ ମାସ ଅଛି । ତେବେ ଏହି ଯୋଜନାର ଅଗ୍ରଗତି ବହୁ ତଳେ ଥିବା ଦେଖାଯାଇଛି । ଜିଲାର ମୋଟ ୯ଟି ବ୍ଲକରେ ୧୫୨୭୬ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ମାତ୍ର ୧୫.୦୪ ପ୍ରତିଶତ ସଫଳତା ହାସଲ କରିଛି ।

ଗରଦପୁର ବ୍ଲକ ଅଂଚଳରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସବୁଠାରୁ ଅଧିକ ୩୪ ପ୍ରତିଶତ ସଫଳତା ମିଳିଥିବା ବେଳେ ରାଜନଗର ବ୍ଲକ ଅଞ୍ଚଳର ୨୫୮୬ ପ୍ରକଳ୍ପ ମଧ୍ୟରୁ ଗୋଟିଏ ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ତଥ୍ୟ ଅନୁଯାୟୀ ଜିଲାର ୨୪୯ ପଞ୍ଚାୟତ ମଧ୍ୟରୁ ୬୨ ପଞ୍ଚାୟତରେ ଅଦ୍ୟାବଧି ଗୋଟାଏ ଥର ମଧ୍ୟ ସୋସିଆଲ ଅଡିଟ ହୋଇନାହିଁ । ସୋସିଆଲ ଅଡିଟ ହୋଇଥିବା ୧୮୭ ପଞ୍ଚାୟତରେ ୨୯୯ ଅଭିଯୋଗ ଥିଲେ ମଧ୍ୟ ଗୋଟାଏ ମଧ୍ୟ ସମାଧାନ ହୋଇନାହିଁ । ଏ ସମ୍ପର୍କରେ ଭରତପୁରର ଚିତ୍ତରଞ୍ଜନ ଦାସ, ଦେପୁରର ଜଗଦୀଶ ପତି, ଇନ୍ଦୁପୁରର ଦେବାଶିଷ ସାମଲ, ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ଏହି ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ବହୁ ଅସାମଞ୍ଜସ୍ୟ ରହିଛି । ଯୋଜନାର ସଫଳତା ପାଇଁ ଶ୍ରମିକଙ୍କ ମଜୁରୀ ବଢ଼ାଇବା ଆବଶ୍ୟକ । ସେହିପରି ଯୋଜନାରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାର୍ଯ୍ୟ ହେଉଛି । ଏହା ବ୍ୟତୀତ ଏହି ଯୋଜନାରେ ମାଟି ରାସ୍ତା ନିର୍ମାଣ ଓ ପୋଖରୀ ଖୋଳା କାର୍ଯ୍ୟ ରହିଛି । ସାଂପ୍ରତିକ ସମୟରେ ମାଟି ରାସ୍ତା ଅଦରକାରୀ ହୋଇଥିବା ବେଳେ ପୋଖରୀ ଖନନରେ ମେଶିନର ବ୍ୟବହାର ସହଜ ହୋଇଛି। ଯୋଜନାରେ କାର୍ଯ୍ୟ ସାରିବା ପରେ ମଜୁରୀ ପାଇଁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡୁଥିବାରୁ ଶ୍ରମିକଙ୍କ ଆଗ୍ରହ କମୁଛି । ଏହାବ୍ୟତୀତ ଯୋଜନା କାର୍ଯ୍ୟକାରୀରେ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ନ ଥିବାରୁ ଫଳବତୀ ହେଉ ନ ଥିବା ସେମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାରେ ପଣ୍ଡା କହିଛନ୍ତି, ଚଳିତ ବର୍ଷ ଏହି ଯୋଜନାରେ ବହୁ ପ୍ରକଳ୍ପ ନିର୍ମାଣ ହୋଇଛି। ତେବେ ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇ ନ ଥିବାରୁ ସଫଳତା ହାର କମ ରହିଛି । ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାରେ ରେକର୍ଡ ପରିମାଣର ସଫଳତା ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# 'ଜୀବନରେ କିଛି ହେବା ପାଇଁ ସଂକଳ୍ପ ନିଅ'




ଶିଶୁମେଳାରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ମାର୍ଶାଘାଇ,୩୧।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ଦେଶ ଜାତିକୁ ଆଗକୁ ନେବାର ଉତ୍ତରଦାୟିତ୍ୱ ସେମାନଙ୍କର। ଜୀବନରେ କିଛି ହେବା ପାଇଁ ସଂକଳ୍ପ ରଖ, କିନ୍ତୁ ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖିବା ସହ ତାକୁ ସାକାର କରିବା ଶିଶୁମାନଙ୍କର ଧେୟ ହେଉ ବୋଲି ଖାଦ୍ୟ ଯୋଗାଣ ସମବାୟ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମତବ୍ୟକ୍ତ କରିଛନ୍ତି। ବୁଧବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡିଠାରେ ଆୟୋଜିତ ଶିଶୁମେଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଶରଣାରବିନ୍ଦ ଓଝାଙ୍କ ସଂଯୋଜନାରେ ଆୟୋଜିତ ଏହି ମେଳାରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧାକ୍ଷା ଉର୍ମିଳା ମହାନ୍ତି, ମୁଖ୍ୟବକ୍ତା ଅରବିନ୍ଦ ପରିଡ଼ା, ସମବାୟବିତ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସରପଞ୍ଚ ପ୍ରଭାତ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ଦୁର୍ଗାବତୀ ପ୍ରଧାନ, ସମିତି ସଭ୍ୟ ଗୌରୀ ମହାରଣା, ଶିଶୁ ମେଳା ସଭାପତି ଭକ୍ତ ଚରଣ ମଲ୍ଲ, ଉପସଭାପତି ଅନ୍ତର୍ଯ୍ୟାମୀ ପଲାଇ, କୁହୁଡି ପ୍ରାଥମିକ ସେବା ସମବାୟ ସମିତି ସଭାପତି ଅଜୟ ଦାସ ଓ ନାଏବ ସରପଞ୍ଚ ମିନତୀ ସେଠୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# କିଆମୁଣ୍ଡି ସ୍କୁଲରେ ତାଲା ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

ଏରସମା,୩୧।୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ କିଆମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ଗତ ମଙ୍ଗଳବାରଠାରୁ ଚାଲିଥିବା ତାଲାବନ୍ଦ ଆନ୍ଦୋଳନ ବୁଧବାର ପ୍ରତ୍ୟାହୃତ ହୋଇଯାଇଛି। ଖବରପାଇ ବିଇଓ ଭାବଗ୍ରାହୀ ଭୋଳ, ସ୍ଥାନୀୟ ସରପଞ୍ଚ ପ୍ରତିଭାରଣୀ ପାତ୍ର, ପୂର୍ବତନ ସରପଞ୍ଚ କେଶବ ପାତ୍ର, ସିଆରସିସି ଚନ୍ଦନ ସାମଲ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୧୫ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି କରିବା ପାଇଁ ବିଇଓ ଭୋଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ସୂଚନାଯୋଗ୍ୟ, କିଆମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀରେ ୧୨୦ ଛାତ୍ରୀ ଛାତ୍ର ପାଠ ପଢନ୍ତି। ସେଠାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ମୋଟ ୩ଜଣ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ଏଠାରେ ଆଉ ଜଣେ ଶିକ୍ଷକଙ୍କ ନିଯୁକ୍ତି ଦାବି କରି ଅଭିଭାବକ ଓ ପିଲାମାନେ ଧାରଣା ଦେଇଥିଲେ।

# ଗଡ଼ରେଜ ତାଡ଼ି ଲୁଟି ନେଲେ ସୁନା ଅଳଙ୍କାର

ଆଳି,୩୧।୧ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ଲୁଟେରାମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ପୋଲିସ ନୀରବ ଦ୍ରଷ୍ଟା ସାଜିଛି। ଗତ ସପ୍ତାହେ ପୂର୍ବେ ଥାନା ନିକଟରୁ ଜଣେ ମହିଳାଙ୍କଠାରୁ ୫୦ ହଜାର ଟଙ୍କା ଲୁଟ୍ ହୋଇଥିବାବେଳେ ମଙ୍ଗଳବାର ରାତିରେ ଥାନାଠାରୁ ଅଳ୍ପ ଦୂର ଲୋକାପଡ଼ା ଗ୍ରାମର ତିଲୋତ୍ତମା ବେହେରାଙ୍କ ଘରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହିତ ନଗଦ ୫୦ ହଜାର ଟଙ୍କା ଓ ଦାମୀ ଶାଢ଼ି ଚୋରି ହୋଇଥିବା ଆଳି ଥାନାରେ ଅଭିଯୋଗ ହୋଇଛି । ତିଲୋତ୍ତମା ଆଳି ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ତାଙ୍କ ଭାଇଙ୍କ ଡାକବଙ୍ଗଳାଠାରେ ଥିବା ଘରେ ପୂଜା ହେଉଥିଲ। ସେ ରାତି ୧୦ଟାରେ ଘରେ ତାଲା ପକାଇ ଭାଇଙ୍କ ଘରକୁ ଯାଇଥିଲେ। ଭୋରୁ ଘରକୁ ଫେରିବା ପରେ ଘର ଭିତରେ ଥିବା ଗ୍ରୀଲ ଖୋଲାଥିଲା। ବେଡ୍‌ରୁମରେ ଥିବା ଗଡ୍‌ରେଜ୍ ଲକର ତଡା ହୋଇ ପ୍ରାୟ ୫ ଲକ୍ଷ ଟଙ୍କାର ସୁନା ଗହଣା ସହିତ ନଗଦ ୫୦ ହଜାର ଟଙ୍କା ଓ ୧୦ ଦାମୀ ଶାଢ଼ି ଚୋରି ହୋଇଥିଲା । ଅଭିଯୋଗ ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଝିଅ ବାହାଘର ନିମନ୍ତେ ରଖିଥିବା ସୁନା ଅଳଙ୍କାର ଲୁଟ୍ ହେବା ପରେ ତିଲୋତ୍ତମା ଭାଙ୍ଗି ପଡିଛନ୍ତି। ତୁରନ୍ତ ଲୁଟେରାଙ୍କୁ ଆଳି ପୋଲିସ ଗିରଫ କରିବାକୁ ସେ ଦାବି କରିଛନ୍ତି।



ତଡ଼ାଯାଇଥିବା ଆଲମିରା।

# ମହୁରେ ଗୋବିନ୍ଦ ଗୋସ୍ୱାମୀ ମହୋତ୍ସବ



ବାବା ଗୋବିନ୍ଦ ଗୋସ୍ୱାମୀଙ୍କ ସମାଧିସ୍ଥଳରେ ପୂଜାର୍ଚ୍ଚନା କରାଯାଉଛି।

ଆଳି,୩୧।୧ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମହୁ ଗ୍ରାମରେ ଜୀବନ୍ତ ସମାଧି ନେଇଥିବା ବାବା ଗୋବିନ୍ଦ ଗୋସ୍ୱାମୀଙ୍କ ଶ୍ରଦ୍ଧାଞ୍ଜଳି ଦିବସକୁ ମହୋତ୍ସବ ଭାବେ ପାଳନ କରୁଛନ୍ତି ଗ୍ରାମବାସୀ । ମଙ୍ଗଳବାର ଅନୁଷ୍ଠିତ ଏହି ମହୋତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଶହତାଧି ବର୍ଷ ପୂର୍ବେ ମହୁ ଜେନା ସାହି ଓ ବେଲପାଳ ଅଞ୍ଚଳର କେତେଜଣ ବ୍ୟକ୍ତି ଜଙ୍ଗଲକୁ ଜାଳେଣି ସଂଗ୍ରହ କରିବାକୁ ଯାଇଥିଲେ । ସେଠାରେ ସେମାନେ ବାବା ଗୋବିନ୍ଦ ଗୋସ୍ୱାମୀ ଓ ଅନ୍ୟ ଜଣେ ଶିଶୁଙ୍କୁ ଦେଖିଥିଲେ । ସେଠାରେ ଗୋବିନ୍ଦ ଗୋସ୍ୱାମୀ ନିଜେ ଏକ ବିଷ ବୃଷର କ୍ଷୀର ପାନ କରିବା ସହିତ ଓ ସେହି ଶିଶୁଙ୍କୁ ସେହି କ୍ଷୀର ପାନ କରିବାକୁ ଦେଇଥିଲେ । ଏହାଦେଖି ଗ୍ରାମବାସୀ ଗୋବିନ୍ଦ ଗୋସ୍ୱାମୀ ନିଶ୍ଚିତ ଭାବେ ଜଣେ ସିଦ୍ଧପୁରୁଷ ବୋଲି ଜାଣିପାରି ପ୍ରଣିପାତ ହୋଇଥିଲେ। ସେମାନେ ପ୍ରଥମେ ବେଲପାଳ ଓ ପରେ ମହୁଠାରେ ଏକ ମଠ ନିର୍ମାଣ କରି ଗୋବିନ୍ଦ ଗୋସ୍ୱାମୀଙ୍କୁ ଅବସ୍ଥାପିତ କରିଥିଲେ । ପରେ ଗୋବିନ୍ଦ ଗୋସ୍ୱାମୀ ପୂଜା କରୁଥିବା ରାଧାକୃଷ୍ଣଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା। ବାବା ଗୋବିନ୍ଦ ଗୋସ୍ୱାମୀ ମନ୍ଦିରରେ ରହିବା ପରେ ଯାହାର ଯାହା ଅସୁବିଧା ହେଲା ସେ ବାବାଙ୍କ ପାଖକୁ ଯିବା ପରେ ତାହା ସମାଧାନ ହୋଇ ଯାଇଥିଲା। କାହାର କିଛି ହଜିଗଲେ ସେ ବାବାଙ୍କ ନିକଟକୁ ଯିବା ପରେ ହଜିଲା ଜିନିଷ ପାଉଥିଲେ । ଏହାପରେ ବାବାଙ୍କ ପ୍ରତି ଲୋକମାନଙ୍କ ଭକ୍ତି ଆହୁରି ବଢ଼ି ଯାଇଥିଲା। ଧୀରେ ଧୀରେ ବାବାଙ୍କ ମହିମା ବିଭିନ୍ନ ସ୍ଥାନରେ ପ୍ରଚାରିତ ହୋଇ ଯାଇଥିଲା। ଦୀର୍ଘ ବର୍ଷ ରହିବା ପରେ ବାବା ଗୋବିନ୍ଦ ଗୋସ୍ୱାମୀ ଜୀବନ୍ତ ସମାଧି ନେବାକୁ କହିଥିଲେ। ବାବାଙ୍କ ମୁହଁରୁ ଏହି କଥା ଶୁଣି ଗ୍ରାମବାସୀ ଏହା କରିବାକୁ ପଛଘୁଞ୍ଚା ଦେଉଥିବା ବେଳେ ବାବାଙ୍କ ନିର୍ଦ୍ଦେଶ କ୍ରମେ ବାବା ସମାଧିସ୍ଥ ହେବା ପରେ ଜଣେ ନାପିତ ତାଙ୍କନ ଦେଇଥିଲେ। ସେଦିନଠାରୁ ପ୍ରତି ବର୍ଷ ଶ୍ରଦ୍ଧାଞ୍ଜଳି ଦିବସରେ ବାବାଙ୍କର ମହୋତ୍ସବ ପାଳନ ହେଉଛି। ବାବା ଜୀବନ୍ତ ସମାଧି ନେବା ପରେ ମଧ୍ୟ ସେହି ମନ୍ଦିରର ମହିମା ଆହୁରି ବଢ଼ି ଯାଇଥିଲା।

# ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ:ପାରାଦୀପ ଚାମ୍ପିୟନ

ରାଜନଗର,୩୧।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ବଡପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୨ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ବିବାଦ ମଧ୍ୟରେ ଶେଷ ହୋଇଛି। ଏକ ବିବାଦୀୟ ନିଷ୍ପତ୍ତିକୁ ନେଇ ଖେଳାଳୀ ଅମ୍ପାୟରଙ୍କୁ ମାଡ଼ ମାରିବା ଓ ଗଣ୍ଡଗୋଳ କରିବା ଯୋଗୁ ଖେଳରେ ଶେଷ ହେବାକୁ ବିଳମ୍ବ ହୋଇଥିଲା । ଫଳରେ ଏହି ମ୍ୟାଚ୍ ବ୍ୟାଡ଼ ଲାଇଟ୍‌ର ସମ୍ମୁଖୀନ ହୋଇଥିଲା । ବଲ ଦେଖା ନ ଯିବାରୁ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ଗୋଟିଏ ଓଭର ଖେଳି ନ ଥିଲା। ଶେଷରେ ୱାକ ଓଭରରେ ପାରାଦୀପ କ୍ରିକେଟ କ୍ଲବକୁ ଚମ୍ପିୟାନ ଘୋଷଣା କରାଯାଇଥିଲା ।

ବୁଧବାର ପାରାଦୀପ କ୍ରିକେଟ କ୍ଲବ ଓ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ଥିଲା । ଅତିଥି ଭାବେ ଅଭିନେତ୍ରୀ ପ୍ରିୟା ଚୌଧୁରୀ ଯୋଗ ଦେବାର ଥିବାରୁ ଦର୍ଶକଙ୍କ ଭିଡ଼ ଜମିଥିଲା । ପାରାଦୀପ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ବିନିମୟରେ ଦଳ ୨୪୦ ରନ ସଂଗ୍ରହ କରିଥିଲା । ଦଳର ଅମିତ ସାହୁ ୪୨ ବଲରୁ ୯୨ ରନ,ଜି ପି ସାଣ୍ଡେ ୨୫ ବଲରୁ ୬୦ ରନ କରିଥିଲେ। କେନ୍ଦ୍ରାପଡ଼ାର ବୋଲର ନୟନ ଗୁପ୍ତା ୪ ଓଭରରେ ୨୦ ରନ ଦେଇ ୨ ଉଇକେଟ ଓ ଏମ୍‌ଡି ଏରବାଜ ୫ ଓଭର ୧୫ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ । ଜବାବରେ ୨୪୧ ରନର ବିଜୟ ଲକ୍ଷ ନେଇ ପଡ଼ିଆକୁ ଓହ୍ଲାଇଥିବା ଜିସିସି କେନ୍ଦ୍ରାପଡ଼ା ବ୍ୟାଡ୍ ଲାଇଟ ଯୋଗୁ ଗୋଟିଏ ଓଭର ପୂର୍ବରୁ ଖେଳ ବନ୍ଦ ହୋଇଯାଇଥିଲା । କ୍ରିକେଟର ନିୟମ ଅନୁସାରେ ପାରାଦୀପକୁ ଚମ୍ପିୟାନ ଘୋଷଣା କରାଯାଇଥିଲା। କେନ୍ଦ୍ରାପଡ଼ାର ଅଭିଜିତ ଦାସ ୩୭ ବଲରୁ ୫୨ ରନ ଓ ଅଖିଳ ସୁତାର ୩୨ ବଲରୁ ୪୧ ରନ ସଂଗ୍ରହ କରିଥିଲେ । ପାରାଦୀପ ବୋଲର ଚିନ୍ମୟ ବିଶ୍ୱାଳ ୫ ଓଭରରେ ୨୭ ରନ ଦେଇ ୨ ଉଇକେଟ ନେଇଥିଲେ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ




ନୂଆ-ଓର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ମାର୍ଶାଘାଇ,୩୧।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷା ଜ୍ୟୋତିମୟୀ ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଓ ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ ଗାହାଣ, ମୁଖ୍ୟବକ୍ତା ମାର୍ଶାଘାଇ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ପରିଜା, ସମ୍ମାନନୀୟ ଅତିଥି ଭାବେ କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲିକ ଓ ଦୁର୍ଗାବତୀ ପ୍ରଧାନ, ସାମାଜିକ କର୍ମୀ ତ୍ରୈଲୋକ୍ୟ ନାଥ ବେଉରା ପ୍ରମୁଖ ଯୋଗ ଦେଇ ଛାତ୍ରୀମାନେ ନିଷ୍ଠା ଏକାଗ୍ରତା ଶୃଙ୍ଖଳା ବଜାୟ ରଖିଲେ ସେମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ। ପାଠ ପଢ଼ି ବଡ଼ ମଣିଷ ନ ହୋଇ ଭଲ ମଣିଷ ହୋଇ ସମାଜରେ ଆଚରଣ ବିଚରଣ କଲେ ଶିକ୍ଷାର ମର୍ଯ୍ୟାଦା ବୃଦ୍ଧି ପାଇବ ବୋଲି କହିଥିଲେ। କ୍ରୀଡା ଶିକ୍ଷକ ସୁବାସ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସାଂସ୍କୃତିକ ସାମାଜିକ ଓ କ୍ରୀଡ଼ାରେ ଭାଗ ନେଇ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଡ. ଦୀପକ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଅର୍ଚ୍ଚନା ରାଉତରାୟ, ସରୋଜିନୀ କର, ମମତା ଦାସ, ଅଧ୍ୟାପକ ଦୀପକ କୁମାର ସ୍ୱାଇଁ, ହାଡିବନ୍ଧୁ ଦାସ ଓ କର୍ମଚାରୀ ସନ୍ତୋଷ ପରିଡା. ନବ ସେଠୀ ଓ ଶାନ୍ତିଲତା ପ୍ରଧାନ ଉପସ୍ଥିତ ଥିଲେ।

# ବ୍ଲକ ଯୋଗାଣ ଅଫିସରେ ସରପଞ୍ଚଙ୍କ ଭଙ୍ଗାରୁଜା

ପଟ୍ଟାମୁଣ୍ଡାଇ,୩୧।୧ (କଳ୍ପତରୁ ନାୟକ)

- ଉତ୍ତେଜନା,ଥାନାରେ ଏତଲା
- ପୋଲିସର ତଦନ୍ତ ଆରମ୍ଭ
- ସରପଞ୍ଚଙ୍କୁ ମାଡ଼ ଅଭିଯୋଗ





ବ୍ଲକ ଅଫିସ୍ ସମ୍ମୁଖରେ ଭଙ୍ଗା ଟେବୁଲ ଓ ଡାକ୍ତରଖାନାରେ ଆହତ ସରପଞ୍ଚ।

ପଟ୍ଟାମୁଣ୍ଡାଇ ବ୍ଲକରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଏନେଇ ନୀଳକଣ୍ଠପୁର ସରପଞ୍ଚ ବୁଧବାର ବ୍ଲକ ଅଫିସରେ ଭଙ୍ଗାରୁଜା କରିବା ସହ ପାଟିତୁଣ୍ଡ କରିଥିବା ନେଇ ଯୋଗାଣ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକକୁ ରାଶନ କାର୍ଡ ଖଣ୍ଡେ ପାଇବା ପାଇଁ ଓ ନାମ ସଂଯୋଗ ଲାଗି ଲୋକମାନେ ବାରମ୍ବାର ଆସି ଫେରୁଛନ୍ତି। ହେଲେ ଏହି ସମସ୍ୟାର ସମାଧାନ ହେଉନାହିଁ । ଏହି ପରିପ୍ରେକ୍ଷୀରେ ନୀଳକଣ୍ଠପୁର ସରପଞ୍ଚ ଜ୍ଞାନେନ୍ଦ୍ର ଖଣ୍ଡାୟୀ ରାଶନକାର୍ଡରୁ ବଞ୍ଚିତ ଲୋକମାନଙ୍କୁ କାର୍ଡ ଯୋଗାଇବା ଓ ରାଶନକାର୍ଡରେ ନାମ ସଂଯୋଗ କରିବା ପାଇଁ ନିଜ ପଞ୍ଚାୟତର କେତେଜଣ ହିତାଧିକାରୀଙ୍କ ନାମ ତାଲିକା ବ୍ଲକ ଯୋଗାଣ ବିଭାଗରେ ଦାଖଲ କରିଥିଲେ। ଏଥିପାଇଁ ସେ ବାରମ୍ବାର ଅଫିସକୁ ଯାଇ ଏ ସଂକ୍ରାନ୍ତରେ ଅନୁରୋଧ କରିଥିଲେ। ହେଲେ ଯୋଗାଣ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ମନମାନି ଯୋଗୁ ଲୋକମାନଙ୍କ ସମସ୍ୟା ସମାଧାନ ହୋଇ ପାରି ନ ଥିଲା । ଏଥିରେ ଅତିଷ୍ଠ ହେବା ପରେ ସରପଞ୍ଚ ଖଣ୍ଡାୟୀ ବ୍ଲକ ପରିସରରେ ହୋହଲା କରିଥିଲେ । ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ତାଙ୍କର ମୁହାଁମୁହିଁ ହୋଇଥିଲା । ଏଭଳି ପାଟିତୁଣ୍ଡ ଦେଖି କର୍ମଚାରୀମାନେ ରୁଣ୍ଡ ହୋଇଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି ଘଟଣା ସମ୍ପର୍କରେ ପଟ୍ଟାମୁଣ୍ଡାଇ ବିଡ଼ିଓଙ୍କୁ ଅବଗତ କରିବା ସହିତ ସରପଞ୍ଚଙ୍କ ବିରୋଧରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ । ପଟ୍ଟାମୁଣ୍ଡାଇ ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହାକୁ ପଟ୍ଟାମୁଣ୍ଡାଇ ବ୍ଲକ କର୍ମଚାରୀମାନେ ସହଜରେ ଗ୍ରହଣ କରି ନାହାନ୍ତି । ଉପଯୁକ୍ତ ସୁରକ୍ଷା ଯୋଗାଇ ଦିଆ ନ ଗଲେ ସରକାରୀ କାମ ସମ୍ପାଦନ କରିବା ସମ୍ଭବପର ନୁହେଁ ବୋଲି ସେମାନେ କହିଛନ୍ତି । ପୋଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବ୍ଲକ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିବେ ବୋଲି ପରୋକ୍ଷରେ ଧମକ ଦେଇଛନ୍ତି। ଅନ୍ୟପକ୍ଷେ ସରପଞ୍ଚ ଖଣ୍ଡାୟୀ କହିଛନ୍ତି, ଯୋଗାଣ ବ୍ୟବସ୍ଥାରେ ସାଧାରଣ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ବାରମ୍ବାର ବିଫଳ ହେବା ପରେ ମୁଁ ସେଠାକୁ ବୁଝାଶୁଝା କରିବାକୁ ଯାଇଥିଲି। ସେଠାରେ ଅଫିସରଙ୍କ ସହିତ ମୋର ଯୁକ୍ତିତର୍କ ହୋଇଥିଲା । ମାତ୍ର କେତେଜଣ କର୍ମଚାରୀ ରୁଣ୍ଡହୋଇ ପାଟିତୁଣ୍ଡ କରିବା ସହ ମୋତ ଧକ୍କା, ମୁଥା ମାରିଥିଲେ । ଏଥିରେ ମୋ ଗୋଡର ଶିରା କଟିଯାଇଛି। ମୁଁ କେନ୍ଦ୍ରାପଡ଼ା ଡାକ୍ତରଖାନକୁ ଚିକିତ୍ସା ହୋଇ ଫେରିଛି । ଏବାବଦରେ ଥାନାରେ ଏତଲା କରିବି ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବାଲ୍ୟବିବାହ ବନ୍ଦ କଲା ଜିଲା ପ୍ରଶାସନ

ପାରଳାଖେମୁଣ୍ଡି,୩୧।୧
(ଗିରିଧାରୀ ପରିଚ୍ଛା):

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଖାଣ୍ଡବା ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ତିନୋଟି ବାଲ୍ୟବିବାହକୁ ବନ୍ଦକଲା ଜିଲା ପ୍ରଶାସନ। ଉକ୍ତ ବାଲ୍ୟବିବାହ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ କାଶୀନଗର ବାଲ୍ୟବିବାହ ନିଷେଧ ଅଧିକାରୀ କନକଲତା ପୂଜାରୀ ଖବର ପାଇ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସକୁ ଅବଗତ କରିଥିଲେ। ଏହାକୁ ରୋକିବା ପାଇଁ ଏକ ଟିମ ଗଠନ କରାଯାଇଥିଲା। ଉକ୍ତ ଟିମରେ ଆଇସିଡିଏସ ମହିଳା ସୁପରଭାଇଜର ଭାଗ୍ୟବତୀ ପଟ୍ଟନାୟକ, କାଶୀନଗର ଥାନାଧିକାରୀ ମମତା ପଣ୍ଡା, ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟା, ସଖୀ କେନ୍ଦ୍ରର ପ୍ରଶାସକ ସୁନିତା ରଥଙ୍କ ସମେତ ଖାଣ୍ଡବା ସରପଞ୍ଚ ସି.ଏଚ. ମାଧବୀ ଏବଂ ସମିତି ସଭ୍ୟ ଜଗନ୍ନାଥ ଦୋରା ବାଲ୍ୟବିବାହକୁ ସ୍ଥଗିତ କରିଥଲେ। ଝିଅମାନଙ୍କ ଜନ୍ମ ପ୍ରମାଣ ପତ୍ର ଯାଞ୍ଚ କରାଯାଇଥିଲା ଏବଂ ଅଭିଭାବକମାନଙ୍କୁ ବାଲ୍ୟବିବାହର କୁପ୍ରଭାବ ଉପରେ ବିଷଦ ଭାବରେ ବୁଝାଯାଇଥିଲା।

### ଅଟୋ ସହ ୩୨ କିଲୋ ଗଞ୍ଜେଇ ଜବତ

ଗୋଷାଣୀ, ୩୧।୧
(ପ୍ରଶାନ୍ତ କୁମାର ରାଉତ):

ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଥାନା ପକ୍ଷରୁ ବୁଧବାର ପାଟ୍ରୋଲିଂ କରୁଥିବା ସମୟରେ ରମ୍ଭା-ଲିଙ୍ଗିପୁର ରାସ୍ତା ଅନ୍ତର୍ଗତ ଆମ୍ବାଝରୀ-କଳାପାଣି ଗ୍ରାମ ନିକଟରେ ଏକ ଅଟୋରୁ ପୋଲିସ ୩୩କିଲୋ ଗଞ୍ଜେଇ ଜବତ କରିଛି। ଗାରବନ୍ଧ ଥାନା ଅଧିକାରୀ ରୀନାରାଣି ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ସୁଚିସ୍ମିତା ମାଝୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଏହି ଚଢାଉରେ କନଷ୍ଟେବଲ ରବୀନ୍ଦ୍ର ମହାନ୍ତି, ଜେ.ଚିରଞ୍ଜିବିଲୁ, ହୋମଗାର୍ଡ ବି.ତେଜେଶ୍ୱର, ଷ୍ଟିଫେନ ଶବର, ସଞ୍ଜୟ କୋଠଦଳାଇ, ବି.କ୍ରିଷ୍ଣା ରାଓ ସାମିଲ ଥିଲେ।

### ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋଦଳା,୩୧।୧
(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ବ୍ଲକ ରାଗପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ମୀରା କୁମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମୁଖ୍ୟ ଅତିଥି, ଓଡ଼ିଆ ବିଭାଗ ଅଧ୍ୟାପିକା ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ମହେଶ୍ୱର ବରାଡ଼, ବ୍ଲକ ଅଧକ୍ଷା ରେଣୁ ଗୌଡ଼, ସମିତିସଭ୍ୟା ସୁଚିତ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ଉନ୍ନତି ନେଇ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଚିକିତ୍ସା ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ



ମୃତ ମାମିତାଙ୍କ ପରିବାର ଓ ସମ୍ପର୍କୀୟମାନେ।

- ନ୍ୟାୟ ନ ମିଳିଲେ ଆନ୍ଦୋଳନ ଚେତାବନୀ
- ମୁହଁ ବନ୍ଦ ରଖିବାକୁ ୨ ହଜାର ଲାଞ୍ଚ

ଖଜୁରିପଡ଼ା ୩୧।୧(ବିଦୁର ବେହେରା) :

ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଜଣେ ପ୍ରଧାନ ଶିକ୍ଷକଙ୍କ ଖାମଖିଆଲି ନୀତି ତଥା ଚିକିତ୍ସା ଅବହେଳା ଯୋଗୁ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ କୁଟିବାରୀ ଗାଁର ମାମିତା ଦେହୁରୀ (୧୭)।
ଏଭଳି ଅଭାବନୀୟ ଘଟଣା ଘଟିଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବିଲା ବାଡି ପଞ୍ଚାୟତରେ ଥିବା ଅନୁସୂଚୀତ ଜାତି ଓ ଜନଜାତି ସରକାରୀ ଉଚ୍ଚ ବିଦ୍ୟାଳୟରେ। ଘଟଣା ପରେ ମୁହଁ ବନ୍ଦ ରଖିବାକୁ ବଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ପାଢ଼ୀ ୨ ହଜାର ଟଙ୍କା ଲାଞ୍ଚ ଦେଇଥିବା ମୃତ ମାମିତାଙ୍କ ମା' ସୁମତି ଦେହୁରୀ ଅଭିଯୋଗ କରିଛନ୍ତି। ସୁମତିଙ୍କ କହିବା ଅନୁଯାୟୀ, ଆମେ ଗରିବ ଶ୍ରେଣୀର ଲୋକ। ଚାଷ ବାସ ସହିତ ମୂଲ ମଜୁରୀ କରି ଆମ ଚାରି ପ୍ରାଣୀ କୁଟୁମ୍ବ ଚଳୁଥିଲୁ। ସେଥିପାଇଁ ବଡ ଝିଅ ମାମିତାଙ୍କୁ ବିଲବାଡ଼ି ଆଶ୍ରମ ସ୍କୁଲରେ ପଢାଉ ଥିଲୁ। ଝିଅ ଦଶମ ଶ୍ରେଣୀରେ ପଢୁଥିଲା। ସ୍କୁଲ ଛୁଟିରେ ସେ ଘରକୁ ଆସିଥିଲା, ପରେ ସ୍କୁଲ ଖୋଲିବାରୁ ଝିଅ ସ୍କୁଲକୁ ଯାଇ ସେଠାରେ ହଷ୍ଟେଲରେ ରହି ପାଠ ପଢୁଥିଲା। ହେଲେ ସେଠାରେ କୌଣସି ଏକ ଅଜଣା ରୋଗରେ ଝିଅ ପୀଡିତ ହେବାରୁ ପ୍ରଧାନ ଶିକ୍ଷକଙ୍କ ତାକୁ ଠିକ ସମୟରେ ଚିକିତ୍ସା କଲେନାହିଁ। ମାମିତାଙ୍କ ଅବସ୍ଥା ଗୁରୁତର ହେବାରୁ ୨୪ ତାରିଖରେ ତାକୁ କରଡ଼ା ବଣିଆ ଘାଟିରେ ଆଣି ଛାଡ଼ି ଦେଲେ ସେଠାରୁ ପ୍ରାୟ ୪ କିମି ବାଟ ତାଙ୍କ ବାପା ବ୍ରହ୍ମା ଦେହୁରୀ ଝିଅକୁ କାନ୍ଧରେ ଘରକୁ ଆଣିଲେ। ଘରେ ଝିଅର ଚିକିତ୍ସା ଚାଲିଥିବା ବେଳେ ଗତ ୨୭ ତାରିଖରେ ମାମିତାଙ୍କ ମୃତ୍ୟୁ ଘଟିଛି। ୨୮ ତାରିଖ ରବିବାର ଦିନ ପ୍ରଧାନ ଶିକ୍ଷକ ନିଜ ସହକର୍ମୀଙ୍କୁ ଧରି ମୃତ ଛାତ୍ରୀଙ୍କ ଘରକୁ ଯାଇ ୨ ହଜାର ଟଙ୍କା ଦେଇଛନ୍ତି ଏବଂ କାହାକୁ ଅଭିଯୋଗ ନ କରିବା ପାଇଁ କହିଛନ୍ତି। ଏ ନେଇ ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାଜେଶ ମୁର୍ମୁଙ୍କୁ ପଚାରିବାରୁ ଉକ୍ତ ଘଟଣା ସମ୍ପର୍କରେ ଅବଗତ ନ ଥିବା ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷକ ସମୀର କୁମାର ପାଢ଼ୀଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟ ବିଭାଗ ଟିମ ଆସି ୧୬ ତାରିଖରେ ଝିଅର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରିପୋର୍ଟ ଠିକ ଥିବା କହିଥିଲେ ତାପରେ ୨୩ ତାରିଖ ଦିନ ଝିଅ ଅସୁସ୍ଥ ଥିବାରୁ ତାଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। ଏବଂ ୨୪ ତାରିଖ ଦିନ ଅଟୋ ଯୋଗେ ତାଙ୍କ ଘରକୁ ନେବା ବେଳେ ରାସ୍ତା ସମସ୍ୟା ଥିବାରୁ ଅଟୋ ଚାଳକ କରାଡ଼ା ବଣିଆ ଘାଟିରେ ଓହ୍ଲାଇ ଦେଇଥିବା କହିଛନ୍ତି। ୧୬ ଦିନ ଧରି ଛାତ୍ରୀ ଜଣଙ୍କ ଅଜଣା ରୋଗରେ ପୀଡିତ ଥିବାବେଳେ ତାଙ୍କୁ ଚିକିତ୍ସା ଯୋଗାଇ ଦିଆଗଲା ନାହିଁ। ଛାତ୍ରୀଙ୍କ ଅସୁସ୍ଥତା ନେଇ ତାଙ୍କ ପରିବାର ଲୋକଙ୍କୁ ମଧ କୁହାଗଲା ନାହିଁ । ଦୀର୍ଘ ଦିନ ପରେ ଖବର ପାଇ ପରିବାର ଲୋକେ ଝିଅଙ୍କୁ ନେଇ ଘରେ ଚିକିତ୍ସା କରୁଥିବା ବେଳେ ମୃତ ହୋଇଥିଲା। ତେବେ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଅସହାୟ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସରପଞ୍ଚ ରବୀନ୍ଦ୍ର ଭୁକ୍ତା ଦାବି କରିଛନ୍ତି। ଖିଲାପ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଇକିଆ,୩୧।୧(ପ୍ରଦୀପ ବେହେରା)

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟଠାରେ ବୁଧବାର ନୂଆ - ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଶଙ୍କର୍ଷଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମହାବିଦ୍ୟାଳୟ ସଭାପତି ରାଜମୋହନ ଦିଗାଲ, ବିଡିଓ ସିମାଞ୍ଚଳ ମଣ୍ଡଳ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ନଳିନୀକାନ୍ତ ପାଣିଗ୍ରାହି ଯୋଗ ଦେଇ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରଭାକର ରାଜୁ, ଉମାକାନ୍ତ ରଥ ଯୋଗ ଦେଇ ଥିଲେ। ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଓଡିଆ ବିଭାଗ ଅଧ୍ୟାପିକା ସସ୍ମିତା ଲୋହାର ଓ ଲିଜାଲିନ ଭୋଇ ସଂଯୋଜନା କରିଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଟିକାବାଲି,୩୧।୧(ଗଗନ ବିହାରୀ ପଟନାୟକ)

ଟିକାବାଲି ଏଏମସିଏସ ମହା ବିଦ୍ୟାଳୟରେ +୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ନେଇ ଆଠ ଦିନଧରି ପ୍ରଶିକ୍ଷଣ ଦିଆଯାଇଥିଲା ଏହି ଉଦଯାପନୀ ଉତ୍ସବରେ ଅଧକ୍ଷ ଦୀନବନ୍ଧୁ ମହାନ୍ତି ସଭାପତିତ୍ୱ କରିଥିବାବେଳେ ଶଙ୍କରାଖୋଲ ଉଚ୍ଚମାଧମିକ ବିଦ୍ୟାଳୟର ଅଧକ୍ଷ ଡ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଣମାଧମ ପ୍ରତନିଧି ଶ୍ରୀ ସଞ୍ଜୟ କୁମାର ଦିଗାଲ, ରମେଶ ଚନ୍ଦ୍ର ପଣ୍ଡା, ସସ୍ମିତା ମଲ୍ଲିକ ଯୋଗ ଦେଇ ଆତ୍ମରକ୍ଷା କୌଶଳକୁ ଠିକ ସମୟରେ ପ୍ରୟୋଗ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ, ଅଧ୍ୟାପକ ନରେନ୍ଦ୍ର ଦିଗାଲ କୋଡିନେଟ କରିଥିବାବେଳେ ମାଷ୍ଟର ଟ୍ରେନର ଛାତ୍ରୀ ଜ୍ୟୋର୍ତିମୟୀ ପ୍ରଧାନ, ଅଞ୍ଜଳି କହଁର ପ୍ରଶିକ୍ଷଣ ଦେଇଥିଲେ, ଅଧ୍ୟାପକ ସୂରଜ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିର ଠିକ ଭାବେ ପ୍ରଶିକ୍ଷଣ ଦିଆଯାଇଛିକି ନାହିଁ ବ୍ରହ୍ମପୁର ଆଞ୍ଚଳିକ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ଡ଼ ସୁଶାନ୍ତ କୁମାର ଦାସ ପରିଦର୍ଶନ କରି କାର୍ଯ୍ୟକ୍ରମ ଠିକ ଭବେ ହୋଇଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଶ୍ୱେତପତ୍ର ପ୍ରକାଶ କରନ୍ତୁ ସରକାର

## ପାରଳା ବିଧାୟକଙ୍କ ଦାବି

ପାରଳାଖେମୁଣ୍ଡି, ୩୧।୧(ଗିରିଧାରୀ ପରିଚ୍ଛା): କେନ୍ଦ୍ରର ମୋଦି ସରକାରଙ୍କ ରାମ ମନ୍ଦିର ପ୍ରତିଷ୍ଠାକୁ ପ୍ରତିଯୋଗିତା କରି ରାଜ୍ୟ ସରକାର ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଉଦଘାଟନ କରିଛନ୍ତି। ଅଯୋଧାର ରାମ ମନ୍ଦିର ନିର୍ମାଣ ଲାଗି ୩ ହଜାର ୫୦୦ କୋଟି ଟଙ୍କା ଆଦାୟ ହୋଇଥିଲା ବେଳେ ମନ୍ଦିର ନିର୍ମାଣରେ ୧୮ଶହ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବାବଦକୁ ୪୨୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରାଜ୍ୟ ସରକାର ଦେଖାଉଛନ୍ତି। ପୁରୀରେ କୌଣସି ମନ୍ଦିର ନିର୍ମାଣ ହୋଇନାହିଁ, କେବଳ ଶ୍ରୀମନ୍ଦିର



ଖବରଦାତା ସମ୍ମିଳନୀରେ ବିଧାୟକ ।

ଚାରିପଟେ ରାସ୍ତା ନିର୍ମାଣ ହୋଇଛି ସେଥିରେ ଏତେ ଟଙ୍କା ଖର୍ଚ୍ଚ ହେଲା କିପିରି ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ କେ ନାରାୟଣ ରାଓ। ପରିକ୍ରମା ପ୍ରକଳ୍ପ ଉଦଘାଟନର ପ୍ରଚାର ପାଇଁ ଗାଁଠାରୁ ସହର ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଲୋକଙ୍କ ଅର୍ଥକୁ ଅପବ୍ୟବହାର କରିବାକୁ କଦାପି ବରଦାସ୍ତ କରାଯିବ ନାହିଁ। ତେଣୁ ରାଜ୍ୟ ସରକାର ଏକ ଶ୍ୱେତପତ୍ର ଜାରି କରନ୍ତୁ। ନଚେତ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇ ଜୋରଦାର ଆନ୍ଦୋଳନ କରିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି।

### ଜଙ୍ଗଲ ସୁରକ୍ଷା ପାଇଁ ମକଡ୍ରିଲ

ଫିରିଙ୍ଗିଆ,୩୧।୧(ବିକ୍ରମ ଦିଗାଲ):

ଫିରିଙ୍ଗିଆ ବନବିଭାଗ କାର୍ଯ୍ୟାଳୟରେ ବୁଧବାର ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା ତାଲିମ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନବିଭାଗ, ପୋଲିସ ବିଭାଗ, ଅଗ୍ନିଶମ ବିଭାଗ ଓ କେନ୍ଦୁ ପତ୍ର ବିଭାଗ ମକଡ୍ରିଲ ତାଲିମ କାର୍ଯ୍ୟକ୍ରମ କରିଥିଲେ। ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ମଳୟ ରଞ୍ଜନ କାଲୋ ଯୋଗ ଦେଇଥିଲେ। ଅଗ୍ନିଶମ ଅଧିକାରୀ ସରୋଜ କୁମାର ମହାପାତ୍ର ମଧ ଉପସ୍ଥିତ ଥିଲେ। ବନାଞ୍ଚଳ ଅଧିକାରୀ ଜଙ୍ଗଲରେ ନିଆଁକୁ କିଭଳି ଆୟତ୍ତ କରିହେବ ଓ ଏଥିପାଇଁ କ'ଣ ଉପାୟ କରାଯାଇପାରିବ ସେ ବିଷୟରେ ସମସ୍ତଙ୍କୁ ବୁଝେଇ ଥିଲେ। ଫିରିଙ୍ଗିଆ ଅଗ୍ନିଶମ ବାହିନୀ ମକଡ୍ରିଲରେ ସମସ୍ତ ସହଯୋଗ କରିଥିଲେ।

### ଉଲିପଦର ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ବ୍ରାହ୍ମଣୀଗାଁ,୩୧। ୧ (ମନୋରଞ୍ଜନ ରଣା)

ଦାରିଙ୍ଗବାଡି ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଉଲିପଦରରେ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ସେବକ ମୋଦନ ମୋହନ ବେହେରାଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଦାରିଙ୍ଗବାଡି ତହସିଲଦାର ଶରତ କୁମାର ଶବର, ସମ୍ମାନିତ ଅତିଥି କାଟିଙ୍ଗା ମହର୍ଷି ଦୟାନିଧି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜିତ ପାଟମାଝୀ ମୁଖ୍ୟ ବକ୍ତା ଅଜୟ କୁମାର ରଣ ସିଂ, ଝିଞ୍ଜିରିଗୁଡ଼ା ଶିକ୍ଷା କ୍ଲଷ୍ଟର ସିଆର୍‌ସିସି ପ୍ରଶନ୍ନ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯକ୍ଷ ବଡମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅମିତ କୁମାର ଦୀପ ମଞ୍ଚ ପରିଚାଳନାରେ କରିଥିଲେ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଦାରିଙ୍ଗବାଡି, ୩୧।୧(ଅରୁଣ ସାହୁ )

ଦାରିଙ୍ଗବାଡିର ଗ୍ରୀନବାଡିଠାରେ ଥିବା ବହୁ ପୁରାତନ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କ ଅଧକ୍ଷତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ଗଦାଧର ପାତ୍ର ଓ ଅନ୍ୟତମ ଅତିଥି ଭାବେ ସିମନବାଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ ପତିତପାବନ ରାଉତ,ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି,ସରପଞ୍ଚ ଚନ୍ଦ୍ରିକା ମଲିକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ପୁରାତନ ଛାତ୍ର ଭାବେ ବିଧାନସଭା ଉପବାଚସ୍ପତି ସାଲୁଗା ପ୍ରଧାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ତେବେ ସେ ଅନୁପସ୍ଥିତ




ମଞ୍ଚାସୀନ ଅତିଥି।

ରହିଥିବାରୁ ତାଙ୍କ ପ୍ରତିନିଧି ଦୀପକ କୁମାର ସାହୁ ଏହି ପ୍ରଶଂସା ପତ୍ର ଗ୍ରହଣ କରିଥିଲେ। ସେହିପରି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା କୃତିତ୍ୱ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ ସହ ପ୍ରମାଣପତ୍ର ବଣ୍ଟନ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଭଲ ମଣିଷ ହେବା ସହ ସେମାନଙ୍କ ଦେଶ ଗଠନରେ ରହିଥିବା ଭୂମିକା ସମ୍ପର୍କରେ କୁହାଯାଇଥିଲା।

# ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଉଦ୍‌ଘାଟିତ

ମୋହନା,୩୧।୧(ମନ୍ମଥ ମିଶ୍ର)

ମୋହନା ସ୍ଥିତ ହିଲଟପ ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାନୁଷ୍ଠାନର ଛାତ୍ରୀମାନଙ୍କ ନିମିତ୍ତ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ ଉଦ୍‌ଘାଟନୀ ଉତ୍ସବ ଜାନୁୟାରୀ ୩୧ ତାରିଖଠାରୁ ଆରମ୍ଭ ହୋଇ ଫେବୃୟାରୀ ୮ ତାରିଖରେ ଉଦଯାପନୀ ଉତ୍ସବ କାର୍ଯ୍ୟକ୍ରମ ସମାପିତ ହେବ। ଅଧକ୍ଷ ସୀମାଞ୍ଚଳ ସାହୁଙ୍କ ସଭାପତିତ୍ୱରେ ଓ ସଂଯୋଜକ ମୀନକେତନ ମିଶ୍ରଙ୍କ ପରିଚାଳନାରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଭଗବାନ ବିଷୋୟୀ, ଏସ୍ ରମେଶ, ଡ. ଅନ୍ତର୍ଯ୍ୟାମୀ ଗୌଡ଼, ଅନିଲ ତ୍ରିପାଠୀ, କାଲୁ ଜେନା, ପ୍ରଶିକ୍ଷିକା ଇତିରାଣୀ ନାଏକ ଓ ସୁରଭି ଶବର ଯୋଗ ଦେଇଥିଲେ।

# ନାଗରିକଙ୍କ ଅଧିକାର ସମ୍ପର୍କିତ କର୍ମଶାଳା

କୋଦଳା,୩୧।୧(ଅମିତ କୁମାର ପଟ୍ଟନାୟକ)

କୋଦଳା ତାଲୁକା ଆଇନ ସହାୟତା କମିଟି ଆନୁକୂଲ୍ୟରେ ସ୍ଥାନୀୟ କୋର୍ଟ ପରିସରରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲୁକା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ବିଚାରପତି ଚିନ୍ମୟ ଗଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ଭାବେ ସବଜଜ ବନାଲି କୁମାରୀ ତ୍ରିପାଠୀ, ପ୍ରଥମଶ୍ରେଣୀ ବିଚାରପତି ବିମଳ ଲକ୍ଷ୍ମୀ ଚୌଧୁରୀ, କୋଦଳା ଥାନାଧିକାରୀ ସୁବାସ ଚନ୍ଦ୍ର ବେହେରା, ଓକିଲ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସାଧାରଣ ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଓକିଲ ସଂଘ ଉପସଭାପତି ଅବନୀ ଶଙ୍କର ମିଶ୍ର, ସମ୍ପାଦକ ଗୋପାଳ କୃଷ୍ଣ ସାହୁ, ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ମିଶ୍ର, ହରପ୍ରସାଦ ସାହୁ, ଭଗବାନ ହୋତା, ଶୁଭ୍ରମଣୀ ଦାସ, ସୋମନାଥ ବେହେରା, ଭାଗିରଥି ନାୟକ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଶିବିରରେ ଉପସ୍ଥିତ ଅତିଥି ।

ଜି.ଉଦୟଗିରି,୩୧।୧
(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଶିବରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ଜି.ଉଦୟଗିରି ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ମୁଖ୍ୟ ଅତିଥି ଓ ଏବିଇଓ ରଞ୍ଜନ କୁମାର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଶିଖିଥିବା କୌଶଳ ଦ୍ୱାରା ନିଜ ସୁରକ୍ଷା ନିଜେ କରିପାରିଲେ ଶିବିର ସଫଳ ହେଲା ବୋଲି ଅନୁଭବ ହେବ କହିଥିଲେ। ନୋଡାଲ ଅଫିସର ଅଧ୍ୟାପିକା ସସ୍ମିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଡ଼ ବବିତା ରାଣୀ ପଟ୍ଟନାୟକ, ମିନତୀ ଦାଶ, ସୁଧାରାଣୀ ପାତ୍ର ଉପସ୍ଥିତ ଥିଲେ। ମାନସୀ ପ୍ରଧାନ ଓ ଅନିତା ନାୟକ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ।

# ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

ଆର.ଉଦୟଗିରି,୩୧।୧(ମନୋଜ କୁମାର ପାଢୀ)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଶବରପଲ୍ଲି ଗ୍ରାମସ୍ଥିତ ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ଅଭିଭାବକମାନେ ୨ ଦିନ ହେଲା ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଅନଶନରେ ବସିଥିଲେ। ବିଦ୍ୟାଳୟକୁ ବୁଧବାର ଜଣେ ନୂଆ ଶିକ୍ଷକଙ୍କୁ ଅଣାଯାଇଥିବା ବେଳେ ଖୁବଶୀଘ୍ର ଅନ୍ୟ ଶିକ୍ଷକ ପଦବୀ ପୂରଣ ହେବ ବୋଲି ମଙ୍ଗଳ ଅଧିକାରୀ ପ୍ରତିଶ୍ରୁତି ଦେବାରୁ ଅନଶନ ପ୍ରତ୍ୟାହୃତ ହୋଇଛି।

ଶବରପଲ୍ଲି ଆଶ୍ରମ ବିଦ୍ୟାଳୟରେ ୨୩୧ ପିଲା ପଢୁଥିବା ବେଳେ ମାତ୍ର



ବିଦ୍ୟାଳୟ ଫାଟକ ଆଗରେ ବସିଥିବା ଅଭିଭାବକ।

ଦୁଇ ଜଣ ଶିକ୍ଷକ ଅଛନ୍ତି। ଏଠାରେ ଦୁଇ ବର୍ଷ ହେଲା ବାର୍ଷିକ ପରୀକ୍ଷା ନ ହୋଇ ପାଠପଢା ଚାଲିଛି। ପିଲାମାନେ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଉନାହାନ୍ତି। ସେହିପରି ଛାତ୍ର ହଷ୍ଟେଲ ପାଚେରି ନାହିଁ ଏବଂ ବିଦ୍ୟାଳୟରେ ସାଇନ୍ ବୋର୍ଡ ନାହିଁ। ଏସବୁକୁ ବିରୋଧ କରି ମଙ୍ଗଳବାରଠାରୁ ଅଭିଭାବକମାନେ ଅନିର୍ଦ୍ଦିଷ୍ଟକାଳ ପାଇଁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଅନଶନ ଆରମ୍ଭ କରିଥିଲେ। ବିଦ୍ୟାଳୟ ସଭାପତି ଲକ୍ଷ୍ମୀକାନ୍ତ ଶବର, ଲକ୍ଷ୍ମୀପୁର ଗ୍ରାମର କୁରା ଶବର, ରଣ୍ଡିବା ଗ୍ରାମର ମହନ ଶବର, ଟାଙ୍ଗିଆ ସାହିର, ନିମତି ଦଳେଇ, ବସ୍ତିଗୁଡା ଗ୍ରାମର ତାରିଣି ଦଳେଇ, ଉଦୟନାଥ ରଇତ, ଯକ୍ଷ ବଡ ରଇତ, ସନ୍ତୋଷ ରଇତ, ପ୍ରମିଳା ମଣ୍ଡଳ, ଜମୁନା ଶବର ଓ ସୁରେଖା ଶବର ପ୍ରମୁଖ ଆନ୍ଦୋଳନରେ ବସିଥିଲେ।

# ମେଗା ଜଳଯୋଗାଣକୁ ନେଇ ଅସନ୍ତୋଷ

**ଜିଲା ପରିଷଦର ଚତୁର୍ଥ ସାଧାରଣ ବୈଠକ**

- ଖରାରେ ପୁଣି ଜଳକଷ୍ଟ ଭୋଗିବେ ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳବାସୀ
- ଫେବୃଆରୀ ୧୫ ସୁଦ୍ଧା ପୁଣି ୭ ପଞ୍ଚାୟତକୁ ହେବ ଜଳଯୋଗାଣ



ଜିଲା ପରିଷଦ ବୈଠକରେ ଯୋଗ ଦେଇଥିବା ଅଧିକାର ଓ ଜନ ପ୍ରତିନିଧି।

**ଯାଜପୁର,୩୧।୧(ହର୍ଷବର୍ଦ୍ଧନ ବେହେରା) :** ଯାଜପୁର ଜିଲାରେ ୮ ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ କାମ ଚାଲିଛି। ସେଥିମଧ୍ୟରୁ ସୁକିନ୍ଦା ଖଣି ଅଞ୍ଚଳରେ ଓଡିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠିରେ ୨୩୫.୯୦ କୋଟି ଟଙ୍କା ବ୍ୟୟରେ ୩ଟି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ପ୍ରଥମ ପ୍ରକଳ୍ପ ପାଖାପାଖି ୬ ବର୍ଷ ଏବଂ ଦ୍ୱିତୀୟ ଓ ତୃତୀୟ ପ୍ରକଳ୍ପ ୪ ବର୍ଷ ହେଲା ଆରମ୍ଭ ହୋଇଛି। ଏହି ୩ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ଏନ୍‌ସିସିକୁ ମିଳିଥିବାବେଳେ ସମୟ ଅବଧି ମଧ୍ୟ ଶେଷ ହୋଇ ସାରିଛି। କିନ୍ତୁ ଉପରୋକ୍ତ ୩ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ଏଯାଏ କାର୍ଯ୍ୟରେ ଲାଗି ପାରିନାହିଁ। ଯାହାକୁ ନେଇ ବୁଧବାର ଅନୁଷ୍ଠିତ ଷଷ୍ଠ ଜିଲା ପରିଷଦର ୪ର୍ଥ ସାଧାରଣ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ ଜିଲା ପରିଷଦର ସଭ୍ୟାସଭ୍ୟମାନେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରକଳ୍ପ କେବେ ସରିବ ବୋଲି ପ୍ରଶ୍ନ କରିଥିଲେ। ଫେବୃଆରୀ ୧୫ ତାରିଖ ସୁଦ୍ଧା ସୁକିନ୍ଦା ବ୍ଲକର ୭ଟି ପଞ୍ଚାୟତରେ ଜଳଯୋଗାଣ ହେବ ବୋଲି ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନାଙ୍କ ଅଧ୍ୟକ୍ଷତା ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଯାଜପୁର ଜିଲାର ଶତାୟୁ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ କାର୍ଯ୍ୟସୂଚୀ ଅନୁସାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ହିସାବରେ ରାଜ୍ୟ ସରକାରଙ୍କ ତରଫରୁ ମୋଟ ୪୧୦୯ ଟି ପ୍ରକଳ୍ପ ନିମନ୍ତେ ୧୫୫ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦିଆଯାଇଥିଲା। ତନ୍ମଧ୍ୟରୁ ୫୭ ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ଓ ୨୩୭୫ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଅବଶିଷ୍ଟ ପ୍ରକଳ୍ପଗୁଡିକର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବିଡିଓମାନେ ସୂଚନା ଦେଇଥିଲେ।

ଏହାବାଦ୍ ଲକ୍ଷ୍ମୀ ବସ୍ ଯୋଜନାରେ ଜିଲାରେ ମୋଟ୍ ୨୬୬ ବସ୍ ଷ୍ଟପ୍ ହେବାର ଯୋଜନା ରହିଛି। ଓଡିଶା ଜୀବିକା ମିଶନ ସମ୍ବନ୍ଧୀୟ ଆଲୋଚନାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଦକ୍ଷତା ବୃଦ୍ଧି ଓ ଜୀବିକା ବିକାଶ କାର୍ଯ୍ୟକ୍ରମ ଚାଲିଛି। ଜିଲାର ୧୦ ଟି ବ୍ଲକରେ ମୋଟ ୨୫୮୦୨ ଟି ସକ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀ, ୨୦୪୯ ଆଞ୍ଚଳିକ ମଞ୍ଚ ଏବଂ ୩୧୧ଟି ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଅଛନ୍ତି। ଏଯାଏ ୨୦୦୨୪ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧୫୦୦୦ ଟଙ୍କାର ଆର୍ବନ ପାଣ୍ଠି ଯୋଗାଇ ଦିଆଯାଇଛି। ୧୧୭୮ ଟି ଆଞ୍ଚଳିକ ମଞ୍ଚକୁ ୧,୫୦,୦୦୦ ଟଙ୍କାର ନିଃସହାୟ ଦୂରୀକରଣ ପାଣ୍ଠି ଓ ୩୧୦ ଟି ଗ୍ରାମ ପଞ୍ଚାୟତସ୍ତରୀୟ ସଂଘକୁ ପ୍ରାରମ୍ଭିକ ରାଶି (ଆସବାବପତ୍ର ଓ ଅନ୍ୟାନ୍ୟ ଅଫିସ ସାମଗ୍ରୀ) ଏବଂ ଆନୁଷ୍ଠାନିକ ବିକାଶ ପାଣ୍ଠି (ତାଲିମ ଏବଂ ଗୋଷ୍ଠୀ ସହାୟିକା ମାନଙ୍କ ପାରିଶ୍ରମିକ) ଯୋଗାଇ ଦିଆଯିବ ସହିତ ୨୫୬ ଗୋଟି ଗ୍ରାମ ପଞ୍ଚାୟତସ୍ତରୀୟ ସଂଘକୁ ୧୫ ରୁ ୨୫ ଲକ୍ଷ ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରାଯାଇଛି। ଏହାବାଦ୍ ମିଶନ ଶକ୍ତି ଯୋଜନା ମାଧ୍ୟମରେ ଓଡ଼ିଶା ଜୀବିକା ମିଶନରୁ ପ୍ରଦାନ କରାଯାଇ ନ ଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟ ଆର୍ବନ ପାଣ୍ଠି ପ୍ରଦାନ କରାଯାଇଛି। ଜିଲାରେ ମୋଟ ୨୪୨ ଜଣ ନଥିପତ୍ର ପରିଚାଳିକା, ୧୬୯୬ ଜଣ ଗୋଷ୍ଠୀ ସହାୟିକା, ୧୦୬ ଜଣ ବ୍ୟାଙ୍କ ମିତ୍ର, ୪୫ ଜଣ କୃଷି ମିତ୍ର, ୨୮ ଜଣ ପ୍ରାଣୀ ମିତ୍ର ଏବଂ ୮ ଜଣ ବାହ୍ୟ ଜୀବିକା ସହଯୋଗୀ କାର୍ଯ୍ୟ କରୁଛନ୍ତି। ୨୦୨୨-୨୩ ବର୍ଷରେ ୧୬୪୦୧ଟି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୫୦୪ କୋଟି ଟଙ୍କାର ଋଣ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷରେ (ଜାନୁଆରୀ ୨୦ ତାରିଖ ସୁଦ୍ଧା) ୧୭୦୪୭ଟି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୭୦୬ କୋଟି ଟଙ୍କାର ଋଣ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି ବୋଲି ସୂଚନା ମିଳିଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୪୦୮ ପରିବାରଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି। ଜିଲା ପରିଷଦର ନୂତନ ଗୃହ ନିର୍ମାଣ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଛି। କରଦା, ବିଚିତ୍ରପୁର, ଯାହାନପୁର, ମାଳ ଆନନ୍ଦପୁର, ଅକରପଡା, ବିରଜାପୁର ଓ ତଳିହା ପଞ୍ଚାୟାୟତଗୁଡିକୁ ଯଯାତି ନଗର ମ୍ୟୁନିସିପାଲିଟିରେ ଅନ୍ତର୍ଭୁକ୍ତ କରିବା ପାଇଁ ସଭ୍ୟା,ସଭ୍ୟ ପ୍ରସ୍ତାବ ରଖିଥିଲେ। ବୈଠକରେ ସମସ୍ତ ଜିଲା ପରିଷଦ ଜୋନର ସଦସ୍ୟା,ସଦସ୍ୟ, ସମସ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷା,ଅଧ୍ୟକ୍ଷ, ବିଭିନ୍ନ ବିଭାଗୀୟ ଅଧିକାରୀ ବୃନ୍ଦ ଏବଂ ଲାଇନ୍ ଡିପାର୍ଟମେଣ୍ଟର ଅଧୀକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲା ପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ, ଭାରପ୍ରାପ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ଯୋଗ ଦେଇଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଶ୍ୱିନୀ



@ ସଂଗ୍ରାମ



@ ରାଜେଶରୋଶନ



@ ଶିବ



@ ସୋଫି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧାନକିଣାରେ ଦୁର୍ନୀତି ଅଭିଯୋଗ



ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଯାଜପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସିବିଆଇ ତଦନ୍ତ ଦାବିକଲା ଭାଜପା କୃଷକ ମୋର୍ଚ୍ଚା**

**ଯାଜପୁର,୩୧।୧(ହର୍ଷବର୍ଦ୍ଧନ ବେହେରା) :** ଓଡ଼ିଶା ରାଜ୍ୟରେ ଧାନ କିଣାବିକା କାରବାରରେ ବ୍ୟାପକ ଦୁର୍ନୀତି ଓ ହେରଫେର ହେଉଛି। ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଏହାର ସିବିଆଇ ତଦନ୍ତ ଦାବି କରି ବୁଧବାର ଯାଜପୁର ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁସାରେ ଧାନମଣ୍ଡିଗୁଡ଼ିକରେ କୁଇଣ୍ଟାଲ ପ୍ରତି ୫ ରୁ ୧୦ କିଲୋ ଧାନ କାଟୁଛନ୍ତି । ଏହାସହ ଚାଷୀମାନଙ୍କୁ ବସ୍ତା ଦିଆଯାଉ ନ ଥିବା, ଧାନ ଅନଲୋଡିଂ ଓଜନ କରିବା ବାବଦରେ ୫ ରୁ ୧୦ ଟଙ୍କା ପର୍ଯ୍ୟନ୍ତ ଚାଷୀଙ୍କ ଠାରୁ ଆଦାୟ କରିବା, ଧାନମଣ୍ଡିଗୁଡିକରେ ବର୍ଷକୁ ଧାନ କିଣା ଯାଉଥିବା ସମୁଦାୟ ମୂଲ୍ୟର ୨% ଅର୍ଥ କେନ୍ଦ୍ରସରକାର ଧାନ ମଣ୍ଡିର ଭିତ୍ତିଭୂମିର ବିକାଶ ପାଇଁ ଦେଉଛନ୍ତି କିନ୍ତୁ ଓଡ଼ିଶା ସରକାର ୯୮% ଧାନମଣ୍ଡି ଖୋଲା ପଡ଼ିଆରେ ଚଳାଇଛନ୍ତି। ଅନ୍ୟପକ୍ଷେ ଗୋଦାମ ଗୃହ କିମ୍ବା ଚାଷୀମାନଙ୍କ ପାଇଁ ଉପଯୁକ୍ତ ଭାବେ ବିଶ୍ରାମ ଘର ନାହିଁ। ଶୌଚାଳୟ ଓ ପିଇବା ପାଣିର ବ୍ୟବସ୍ଥା ମଧ୍ୟ ନାହିଁ, ଗୋରୁ ଗାଈ ଓ ଛେଳିଙ୍କ କବଳରୁ ରକ୍ଷା କରିବା ପାଇଁ ପାଚେରୀ ନିର୍ମାଣ ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଉଥିବା ଅର୍ଥକୁ ରାଜ୍ୟ ସରକାର କ'ଣ କଲେ ବୋଲି ପ୍ରଶ୍ନ ହୋଇଛି। ଭାଜପା କୃଷକ ମୋର୍ଚ୍ଚାର ଜିଲା ସଭାପତି ପାଣ୍ଡବ ଚରଣ ଦାସ, ଜିଲା ପ୍ରଭାରୀ ଭକ୍ତବନ୍ଧୁ ମିଶ୍ର, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତ, ପୂର୍ବତନ ଜିଲା ସଭାପତି ଆଶୁତୋଷ ପରିଡ଼ା, ଜିଲା ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ମହାନ୍ତି ଓ ରମେଶ କୁମାର ରାଉତ, ବରିଷ୍ଠ ନେତା ନିତ୍ୟାନନ୍ଦ ମହାଲିକ, ଯୁବନେତା ମନୋଜ ଦାସ, ଶ୍ରୀଧର ବିଶ୍ୱାଳ, ଉପେନ୍ଦ୍ର କର, ଯାଜପୁର ନଗର ସଭାପତି ପ୍ରଦୀପ୍ତ କୁମାର ଜେନା, ସନ୍ତୋଷ କୁମାର ପତି, ମହେନ୍ଦ୍ର କୁମାର ପହି, ସୁନାରାମ ମାରାଣ୍ଡି, ଶରତ ସେଠୀ, ଭୁବନାନନ୍ଦ ସାମଲ, ନୃସିଂହଚରଣ ମିଶ୍ର, ଶରତ ଚନ୍ଦ୍ର ଶତପଥୀ, ଜଳଧର ଖିଲାର, ମନ୍ମଥ ଜେନା, ବିନୋଦ କୁମାର ପରିଡ଼ା, ରବିନ୍ଦ୍ର କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭିସା ଷ୍ଟିଲ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**କଳିଙ୍ଗନଗର,୩୧।୧(ଶୁଭାଶିଷ ରାଉତ):** କଳିଙ୍ଗନଗର ଭିସା ଷ୍ଟିଲ୍ କାରଖାନା ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଲୋକଙ୍କୁ ସୁରକ୍ଷିତ ଗାଡ଼ି ଚାଳନା, ହେଲମେଟ ଓ ସିଟ ବେଲ୍ଟ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଛି। କାରଖାନା କର୍ମଚାରୀମାନେ ଯମ, ଚିତ୍ରଗୁପ୍ତ ଓ ଘାତକ ଚରିତ୍ର ବେଶହୋଇ ରାସ୍ତାରେ ବାଇକ ଆରୋହୀ ଓ ବଡ଼ ଗାଡି ଚାଳକଙ୍କୁ ସଚେତନ କରିବା ସହ ଫୁଲ ଏବଂ ଚକୋଲେଟ ଦେଇଥିଲେ। ସୁରକ୍ଷା ଅବମାନନା କରୁଥିବା ଲୋକଙ୍କୁ ସୁରକ୍ଷା ସମ୍ପର୍କିତ ପ୍ରଚାରପତ୍ର ଦିଆଯାଇଥିଲା। ଏହା ପୂର୍ବରୁ କର୍ମଚାରୀମାନଙ୍କୁ ନେଇ କାରଖାନା ଫାଟକ ନିକଟରୁ ମିଲିଟାରୀ ଛକ ପର୍ଯ୍ୟନ୍ତ ଏକ ସଚତେନତା ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାକୁ କାରଖାନା ନିର୍ଦ୍ଦେଶକ ମନୋଜ କୁମାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାରଖାନା କର୍ମଚାରୀ ବାସୁଦେବ, ନିର୍ମଳ, ସଞ୍ଜୀବ, ପୂର୍ଣ୍ଣଚନ୍ଦ୍ର, ଓମ୍‌ପ୍ରକାଶ, ଅଭିଜିତ, ଗୌରାଙ୍ଗ ପ୍ରମୁଖ ଯମ, ଚିତ୍ରଗୁପ୍ତ ଓ ପରିଷଦ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। କାରଖାନା ସୁରକ୍ଷା ବିଭାଗର ରାଜେଶ, ବିଶ୍ୱରଞ୍ଜନ, ବିଶ୍ୱଜିତ ଓ ଅନିଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



କଳିଙ୍ଗନଗର ଭିସା ଷ୍ଟିଲ୍ କାରଖାନା କର୍ମଚାରୀ ଲୋକଙ୍କୁ ସଚେତନ କରିବାକୁ ଯାଉଛନ୍ତି।

# ଆଇଓସିଏଲ୍ ପାଇପ୍‌ଲାଇନ୍‌ରେ ଫାଟ

**କୁଜଙ୍ଗ,୩୧।୧(ମନୋଜ ପ୍ରଧାନ)** ଭାରତୀୟ ତୈଳ ନିଗମ(ଆଇଓସିଏଲ୍) ପକ୍ଷରୁ ପାରାଦୀପରୁ ରାଞ୍ଚି ଯାଇଥିବା ପାଇପଲାଇନ ବୁଧବାର ଫାଟ ସୃଷ୍ଟି ହୋଇଛି। କୁଜଙ୍ଗ ଥାନା ଅନ୍ତର୍ଗତ ବାଲେଇପୁର ପଞ୍ଚାୟତର ବଳେଇପୁର -ବନିପାଟ ରାସ୍ତାର କଲଭର୍ଟ ନିକଟରେ ଏପରି ହୋଇଥିବା ଜଣାପଡିଛି। ଏନେଇ ସେଠାରୁ ତେଲ ଲିକ୍ ହେଉଛି। ଖବରପାଇ କମ୍ପାନୀ ଇଞ୍ଜିନିୟର ଓ ପଦାଧିକାରୀମାନେ ସନ୍ଧ୍ୟାରେ ସେଠାରେ ପହଞ୍ଚି ତେଲ ଲିକ୍ ରୋକିବା ନିମନ୍ତେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସତର୍କତା ପାଇଁ ଘଟଣା ସ୍ଥଳରେ କୁଜଙ୍ଗ ପୋଲିସ ସମେତ କୁଜଙ୍ଗ ଓ ଏରସମା ଅଗ୍ନିଶମ ବାହିନୀ ସଜାଗ ରହିଛନ୍ତି। ସୂଚନାଯୋଗ୍ୟ, ଡିସେମ୍ବର ୨୫ରେ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ କାଳିଆପଣ ନିକଟସ୍ଥ ଗହିରରେ ଏଭଳି ଫାଟ ସୃଷ୍ଟି ହୋଇ ତେଲ ଲିକ ହୋଇଥିଲା। ବାରମ୍ବାର ଏଭଳି ଫାଟ ସୃଷ୍ଟି ହେଉଥିବାରୁ ତେଲ ଚୋରି ପାଇଁ ଏପରି କରାଯାଉଥିବା ସନ୍ଦେହ କରାଯାଉଛି।

# ସମୁଦ୍ର ତଟରୁ ୧୫, ୩୪୩ କୋଟି ଟଙ୍କାର ଡ୍ରଗ୍ସ ଧରିଛି କୋଷ୍ଟଗାର୍ଡ

**ଆଜି ୪୮ ତମ ସ୍ଥାପନ ଦିବସ**

- ୧୧,୫୫୪ ଜଣଙ୍କୁ ଉଦ୍ଧାର କରାଯାଇଛି

**ପାରାଦୀପ,୩୧।୧(ଶରତ ରାଉତ)** ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ)କୁ ଗୁରୁବାର ୪୮ ବର୍ଷ ପୂରିବ। ୧୯୭୬ ଫେବୃଆରୀ ୧ରେ ଏହା ସ୍ଥାପନ ହୋଇଥିଲା। ଦେଶର ପୂର୍ବ ଉପକୂଳରେ ଥିବା ୭୫୦୦ କିମି ସମୁଦ୍ର ତଟରେ ଏହା କାମ କରୁଛି। ସେଥିପାଇଁ ଗୁରୁବାର ଦେଶର ସମସ୍ତ କୋଷ୍ଟଗାର୍ଡ ମୁଖ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବ। ଏହିକ୍ରମରେ ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ୭ ପାରାଦୀପରେ ମଧ୍ୟ କୋଷ୍ଟଗାର୍ଡ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି। ଏହି ୪୮ ବର୍ଷ ମଧ୍ୟରେ କୋଷ୍ଟଗାର୍ଡ ଦେଶର ସୁରକ୍ଷା ଓ ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଛି। ଯଥା ସମୁଦ୍ରରେ ବିପଦରେ ଥିବା ମତ୍ସ୍ୟଜୀବୀ,ପଣ୍ୟବାହୀ ଓ ଜାହାଜ ନାବିକଙ୍କୁ ଅନେକ ଥର ଉଦ୍ଧାର କରିଛି। ଏହି ସଂଖ୍ୟା ୧୧,୫୫୪ ହୋଇଥିବା ବେଳେ ଓ ୨୦୨୩ରେ ୨୦୦ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଛି। ସେହିପରି ଜଳପଥରେ ଅବୈଧ ଡ୍ରଗ୍ସ ବ୍ରାଉନସୁଗାର କାରବାର ରୋକିବାରେ ଅନେକ ସଫଳତା ପାଇଛି। ୧୫,୩୪୩ କୋଟି ଟଙ୍କାର ଅବୈଧ ଡ୍ରଗ୍ସ ଜବତ କରାଯାଇଛି। ଏବେ କୋଷ୍ଟଗାର୍ଡରେ ୧୫୨ ପାଟ୍ରୋଲିଂ ଜାହାଜ ଓ ୭୮ଟି ଏୟାରକ୍ରାଫ୍ଟ ମୁତୟନ ଅଛି। ୨୦୩୦ ସୁଦ୍ଧା ୨୦୦ ଜାହାଜ ଓ ୧୦୦ ଏୟାରକ୍ରାଫ୍ଟ ମୁତୟନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଦୈନିକ ୫୦ ରୁ ୬୦ ପାଟ୍ରୋଲିଂ ଜାହାଜ ଓ ୧୦ରୁ ୧୨ ଏୟାରକ୍ରାଫ୍ଟ ନିୟମିତ ପାଟ୍ରୋଲିଂ କରୁଛନ୍ତି। ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର, ଓ ପୁନିତ୍ ସାଗର ଯୋଜନାରେ ଏହା ବିକଶିତ ହେଉଛି ଏବଂ ଦେଶର ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେଥିପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ କୋଷ୍ଟଗାର୍ଡକୁ ଶୁଭେଚ୍ଛା ଜଣାଇଛନ୍ତି।

# ଜୟନ୍ତରାରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ

**ଝୁମ୍ପୁରୀ,୩୧।୧(ସରୋଜ ନାୟକ):** ଦଶରଥପୁର ବ୍ଲକ୍ ଜୟନ୍ତରା ପଞ୍ଚାୟତସ୍ଥ ଜୟନ୍ତରା ମହାପାତ୍ର ସାହିଠାରେ ବୈତରଣୀ ନଦୀବନ୍ଧଠାରୁ କଣ୍ଡିଆ ମଧ୍ୟରେ ଏକ ନୂତନ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ସେତୁ ଶିଳାନ୍ୟାସ ଉତ୍ସବରେ ଅନ୍ୟତମ ଅତିଥିଭାବେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ଜୟନ୍ତରା ସରପଞ୍ଚ ସ୍ନିଗ୍ଧାମଞ୍ଜରୀ ରାଉତ, ସାମାଜିକ କର୍ମୀ ବରଦା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ଅଜିତ କୁମାର ସାମଲ, ତୁଷାରକାନ୍ତ ନାୟକ, ପୂର୍ବତନ ସରପଞ୍ଚ କନକପ୍ରଭା ଦାସ, ଦିଲୀପ ସାହୁ, କୁନିଆ ମହାପାତ୍ର, ଚାଇନା ମହାପାତ୍ରଙ୍କ ସହ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସେତୁ ନିର୍ମାଣ ହେଲେ ଜୟନ୍ତରା ମହାପାତ୍ର ସାହିର ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ପରିବାରର ଗମନାଗମନ ସୁଗମ ହେବ।

# ମହିଳା କ୍ରିକେଟରେ ସୁକିନ୍ଦା କଲେଜ ଚାମ୍ପିୟନ

**୪ର୍ଥ ସୁକିନ୍ଦା ମିଡିଆ କପ୍**

- ମିଡିଆ ଟୁର୍ନାମେଣ୍ଟରେ ଯାଜପୁର ଟିଭି ରିପୋର୍ଟର୍ସ୍ ଆସୋସିଏସନ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ମିଡିଆ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବା ଯାଜପୁର ଟିଭି ରିପୋର୍ଟସ୍ ଆସୋସିଏସନ୍‌ର ଖେଳାଳିମାନେ।

**କାଳିଆପାଣି,୩୧।୧(ଅସିତ ମହାନ୍ତ):** ୪ର୍ଥ ସୁକିନ୍ଦା ମଡିଆ କପ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍‌ରେ ଡୁବୁରୀ କପିଳେଶ୍ୱର ମହାବିଦ୍ୟାଳୟକୁ ହରାଇ ସୁକିନ୍ଦା ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି। ସେହିପରି ମିଡିଆ ବିଭାଗ ଫାଇନାଲ ମ୍ୟାଚ୍‌ରେ ସୁକିନ୍ଦା ପ୍ରେସ୍‌କ୍ଲବକୁ ହରାଇ ଯାଜପୁର ଟିଭି ରିପୋର୍ଟସ୍ ଆସୋସିଏଶନ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ସୁକିନ୍ଦା ପ୍ରେସ୍ କ୍ଲବ୍ ସଭାପତି ବିଶ୍ୱଜିତ ନାୟକଙ୍କ ସଭାପତିତ୍ୱରେ ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ।

ପରେ କ୍ଲବ ସଭାପତି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରିଅସ୍ ଟାପୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍ ଏବଂ ମିଡିଆ ମ୍ୟାଚର ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ସୁକିନ୍ଦା ମିଡିଆ କପ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ସିରିଜ ଭାବେ ଜାନା ସଏ, ବେଷ୍ଟ ବ୍ୟାଟସ୍ ମ୍ୟାନ୍ ଅନୁସୟା ସେଠୀ, ବେଷ୍ଟ ବୋଲର ଯୁଗ୍ମଭାବେ ଅନିତା ଗାଗରାଇ, ଜସ୍ମିନ୍ ବାନୋ, ବେଷ୍ଟ କିପର ଭାବେ ନେହା ପରବିନ୍ ଓ ବେଷ୍ଟ କ୍ୟାଚ୍ ଭାବେ ରଶ୍ମି ସିଂ ଏବଂ ଟିଭି ରିପୋର୍ଟସ୍‌ର ବିକ୍ରମ ସାହୁ ବେଷ୍ଟ ବ୍ୟାଟସ୍ ମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ।

ଓସିଏ ଅମ୍ପାୟର ମାନସ ବେହୁରାଙ୍କ ସହିତ ଅଜୟ ସେଠୀ, ମିର୍ଜା ବେଗ୍ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ଯୋଗେନ୍ଦ୍ର ବେହୁରା ଖେଳ ପରିଚାଳନା କରିଥିଲେ। ସୁକିନ୍ଦା ପ୍ରେସ କ୍ଲବ ପକ୍ଷରୁ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ସମ୍ପାଦକ ନୀଳମାଧବ ନାୟକ, ଉପସଭାପତି ବିମଳେନ୍ଦୁ ବେହୁରା, ପରମାନନ୍ଦ ସାହୁ, ସଂଗଠନ ସମ୍ପାଦକ ସତ୍ୟଜିତ ଦାଶ, ମନୋଜ ନାୟକ, ସେକ୍ ଜହୁରୁ, ସୌମ୍ୟରଞ୍ଜନ ବାରିକ, ସରୋଜ ନାୟକ, କପିଳେନ୍ଦ୍ର ମହାନ୍ତି, ଅସିତ ମହାନ୍ତ, ଲମ୍ବୋଦର ଦଳବେହେରା, ସଞ୍ଜୀବ ମହାନ୍ତ, ବିଶ୍ୱନାଥ ସାହୁ, ଦୀପକ୍ ଭଟ୍ଟାଚାର୍ଯ୍ୟ, ମଧୁସୁଦନ ବାରିକ, କୃପାସିନ୍ଧୁ କେଶରୀ ଓ ହମିଦ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ଅଧିଗ୍ରହଣରେ ୮କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍

ନୟାଗଡ/ରଣପୁର,୩୧।୧(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

- କୋଲକତା-ମାଡ୍ରାସ ୧୬ ନଂ.ଜାତୀୟ ରାଜପଥ ପ୍ରଶସ୍ତୀକରଣ
- ବେଞ୍ଚମାର୍କ ଭାଲ୍ୟୁରେ ଚଞ୍ଚକତା,ଜାଲିଆତି ଅଭିଯୋଗ
- ସରକାରୀ ଦର ଠାରୁ ୨୦ ଗୁଣା ନେଇଛନ୍ତି ଜମିର ମୂଲ୍ୟ
- ସିବିଆଇଙ୍କୁ ଫେରାଦ୍ ହୋଇ ତଦନ୍ତ ପାଇଁ ନିବେଦନ

କୋଲକତା-ମାଡ୍ରାସ ୧୬ ନଂ.ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ନୟାଗଡ଼ ଜିଲାରେ ହୋଇଥିବା ଜମି ଅଧିଗ୍ରହଣ କାର୍ଯ୍ୟରେ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହୋଇଛି । ସରକାରୀ ଦରଠାରୁ ୧୫ରୁ ୨୦ ଗୁଣା ଜମିର ମୂଲ୍ୟ ଅଧିକ ପ୍ରଦାନ କରାଯାଇଛି ବୋଲି ଅଭିଯୋଗ ରହିଛି। ଜଣଙ୍କୁ ଅନୁକମ୍ପା ଓ ଅନ୍ୟ ଜଣଙ୍କୁ ଅଣଦେଖା କରାଯିବା ପରେ ଜମି ଅଧିଗ୍ରହଣ ଜାଲିଆତିର ଗୁମର ଫିଟିଛି । ବେଞ୍ଚମାର୍କ ଭାଲ୍ୟୁରେ ଚଞ୍ଚକତା ଓ ଜାଲିଆତି କରାଯାଇ ଏଭଳି ଅନିୟମିତତା କରାଯାଇଛି। ଏହାର ସିବିଆଇ ତଦନ୍ତ କରିବାକୁ ଦୁଇ ସାମାଜିକ କର୍ମୀ ଗଣେଶ୍ୱର ମାନ୍ଧତା ଓ ଦୀପକ କୁମାର ରାଉତରାୟ ନିବେଦନ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, କୋଲକତା-ମାଡ୍ରାସ ୧୬ନଂ.ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ରଣପୁର ତହସିଲର ୧୬ନଂ.ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ୧୦ ମିଟର ଲେଖାଏଁ ଜମି ଅଧିଗ୍ରହଣ ହୋଇଛି । ଜମି ଅଧିଗ୍ରହଣରେ ବେଣ୍ଟରେ ୧.୧୮୯୫ ହେକ୍ଟର ପାଇଁ ୫ କୋଟି ୬୯ ଲକ୍ଷ ୮୩ ହଜାର ୭୧୭, ଚମ୍ପାଗଡରେ୦.୬୭୫୨ ହେକ୍ଟର ପାଇଁ ୨କୋଟି ୬୩ ଲକ୍ଷ ୨୯ ହଜାର ୩୩୯, କଟକସହରର ୦.୧୨୨ ହେକ୍ଟର



ସିବିଆଇ ଅଫିସ୍‌ରେ ଫେରାଦ ହୋଇଥିବା ୨ ସାମାଜିକ କର୍ମୀ।

ପାଇଁ ୩୩ ଲକ୍ଷ ୨୮ ହଜାର ୧୪୦, ଶ୍ରୀକୃଷ୍ଣପୁରରେ ୦.୭୨୪ ହେକ୍ଟର ପାଇଁ ୫କୋଟି ୯୨ ଲକ୍ଷ ୭୬ ହଜାର ୫୩୩, ଉପେନ୍ଦ୍ରପୁରରେ ୦.୧୧୧ ହେକ୍ଟର ପାଇଁ ୧୦ ଲକ୍ଷ ୮୩ ହଜାର ୮୭୭ ଟଙ୍କା ଏପରି ମୋଟରେ ୨.୮୦୩୭ ହେକ୍ଟର ପାଇଁ ୧୪ କୋଟି୭୦ ଲକ୍ଷ ୧ ହଜାର ୬୦୬ ଟଙ୍କା ଜମି ଅଧିଗ୍ରହଣ ହୋଇଛି । ୧୬ ନଂ.ଜାତୀୟ ରାଜପଥ ପ୍ରାଧିକରଣ ତରଫରୁ ଅଧିଗ୍ରହଣ ପାଇଁ ଜମି ଚିହ୍ନଟ ହୋଇଥିଲା । ଜମି ଚିହ୍ନଟ ପରେ ସରକାରୀ ନିୟମ ଅନୁଯାୟୀ ଜମିର ବେଞ୍ଚମାର୍କ ଅନୁସାରେ ସରକାରୀ ଦରରେ କ୍ଷତିପୂରଣ ଦେବାକୁ ପ୍ରାବଧାନ ରହିଛି । ତେବେ କେତେଜଣ ଜମି ମାଲିକ ଧରାଧରି କରି ନିଜର ଜମିର ବେଞ୍ଚମାର୍କ ଠାରୁ ୧୫ରୁ ୨୦ ଗୁଣା ଅଧିକ ଟଙ୍କା ନେଇ ଯାଇଛନ୍ତି । ଏଭଳି ଠକେଇ ଶ୍ରୀକୃଷ୍ଣପୁରରେ ଅଧିକ ହୋଇଛି। ପରେ ଚମ୍ପାଗଡ, ବେଣ୍ଟ, କଟକସହର, ଉପେନ୍ଦ୍ରପୁରରେ ମଧ୍ୟ ହୋଇଛି । ଶ୍ରୀକୃଷ୍ଣପୁର ଓ ଚମ୍ପାଗଡ଼ରେ ବେଞ୍ଚମାର୍କ ଭାଲ୍ୟୁ ଏକର ପିଛା ୪୫ ଲକ୍ଷ ଥିବାବେଳେ ୧୫ରୁ ୨୦ ଗୁଣା ଅଧିକ ଟଙ୍କା ଠକେଇ କରି ନିଆଯାଇଛି । କିଛି ଜମି ମାଲିକ ସ୍ୱଳ୍ପ ଟଙ୍କା ପାଇବା ଘଟଣା ଘୋଟାଲାକୁ ପଦାରେ ପକାଇଛି ।

ଏନେଇ ଚମ୍ପାଗଡ଼ର ସାମାଜିକ କର୍ମୀ ଗଣେଶ୍ୱର ମାନ୍ଧତା ଓ ଦୀପକ କୁମାର ରାଉତରାୟ କୁହନ୍ତି, ୧୬ ନଂ.ଜାତୀୟ ରାଜପଥ ଜମି ଅଧିଗ୍ରହଣରେ ଦୁର୍ନୀତି ନେଇ ଚର୍ଚ୍ଚା ହୋଇଥିଲା । କିଛି ଜମି ମାଲିକ ଜମି ଅଧିଗ୍ରହଣ ପ୍ରାପ୍ୟ ସ୍ୱଳ୍ପ ଟଙ୍କା ପାଇବା ପରେ ଆରଟିଆଇରେ ତଥ୍ୟ ମଗା ଯାଇଥିଲା । କିଏ କେତେ ଟଙ୍କା ଜମି ଅଧିଗ୍ରହଣ ପ୍ରାପ୍ୟ ନେଇଛି ଆରଟିଆଇରେ ଜଣାପଡିଥିଲା । ଏହି ଦୁର୍ନୀତିରେ ୮ କୋଟିରୁ ଊର୍ଦ୍ଧ୍ୱ ଠକେଇ ହୋଇଥିବା ଜଣାପଡିବା ପରେ ସିବିଆଇ ତଦନ୍ତ କରିବାକୁ ନିବେଦନ କରାଯାଇଛି । ଏହି ଘଟଣାରେ କେତେଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ଜମି ମାଲିକଙ୍କ ସହ ସାମିଲ ହୋଇ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରି ସରକାରୀ ଟଙ୍କାକୁ ଅପବ୍ୟୟ କରିଛନ୍ତି। ପ୍ରସ୍ତାବିତ ଜମିର ମୂଲ୍ୟ ନିର୍ଦ୍ଧାରଣ କରିବା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ କ୍ଷମତାର ଦୂରୁପଯୋଗ କରି ଅନେକ କୋଟି ଟଙ୍କା ଆତ୍ମସାତ କରିବା ପରେ ଏହି ଘଟଣାର ତଦନ୍ତ ହେବା ନିହାତି ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

# ସରକାରୀ ସହାୟତାରୁ ବଞ୍ଚିତ ଅସହାୟା ମହିଳା


ନିଜ ଘର ସମ୍ମୁଖରେ ମାମିନା।

ଖଣ୍ଡପଡ଼ା,୩୧।୧
(ଅଜୟ କୁମାର ମହାରଣା)

ଅସହାୟ ବିଧବା, ବୃଦ୍ଧା,ବୃଦ୍ଧ ବ୍ୟକ୍ତି ବିଶେଷଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି। ମାତ୍ର ପ୍ରଶାସନିକ ଉଦାସୀନତା ଓ ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କ ଅଣଦେଖା ଯୋଗୁ ଖଣ୍ଡପଡା ବ୍ଲକ୍ ଅଧୀନ ବଡବାଣପୁର ପଞ୍ଚାୟତର ଚୈତନ୍ୟପୁର ଗ୍ରାମର ସ୍ୱର୍ଗତ ମାଧବ ଚନ୍ଦ୍ର ରାଉତଙ୍କ ସ୍ତ୍ରୀ ମାମିନା ସରକାରୀ ସହାୟତାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଥିବା ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ, ମାମିନାଙ୍କ ସ୍ୱାମୀ ମାଧବ ୨୦୨୩ ଜୁଲାଇ ୩ରେ ସବୁଦିନ ପାଇଁ ଆଖି ବୁଜିଥିଲେ । ନୀରହା ତଥା ଜମିବାଡି ନ ଥିବା ମାମିନା ୨ଛୋଟ ଛୁଆଙ୍କୁ ଧରି ଶ୍ୱଶୁର ଘରେ କର୍ମକୁ ଆଦରି ନାନା ସମସ୍ୟା ମଧ୍ୟରେ ପରିବାର ପ୍ରତିପୋଷଣ କରୁଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ମାଧବଙ୍କ ମୃତ୍ୟୁ ପରେ ମାମିନା ସମ୍ପୂର୍ଣ୍ଣ ବେସାହାରା ହୋଇ ପଡିଛନ୍ତି। ସରକାରଙ୍କ ପକ୍ଷରୁ ଅଦ୍ୟାବଧି ଉକ୍ତ ପରିବାରକୁ ପରିବାର ମଙ୍ଗଳ ଯୋଜନାରେ ସହାୟତା ରାଶି ମିଳି ନ ଥିବା ବେଳେ ବିଧବା ଭତ୍ତା ମାମିନାଙ୍କୁ ମଧ୍ୟ ମିଳି ନାହିଁ। ସରକାରୀ ସହାୟତା ପାଇବା ଆଶାରେ ମାମିନା ବହୁବାର ପ୍ରଶାସନିକ ଅଧିକାରୀଙ୍କୁ ଦୁଃଖ ଜଣାଇଛନ୍ତି । ଏଥି ସହିତ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଆବେଦନପତ୍ର ଦାଖଲ କରିଛନ୍ତି। ମାତ୍ର ଦୀର୍ଘ ମାସ ପରେ ମଧ ପ୍ରଶାସନିକ ଅଧିକାରୀମାନେ ମାମିନାଙ୍କୁ କୌଣସି ସହାୟତାର ହାତ ବଢାଇ ନ ଥିବା ଦୁଃଖର ସହ ସେ ଅଭିଯୋଗ କରିଛନ୍ତି। ମାମିନାଙ୍କ ପାଇଁ ସମସ୍ତ ସରକାରୀ ସହାୟତା ସାତ ସପନ ପାଲଟିଥିବା ବେଳେ ସରକାରଙ୍କ ସମସ୍ତ ସୁଦୁରପ୍ରସାରୀ ଲୋକହିତକାରୀ ଯୋଜନା ଆଉ କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗରିବଙ୍କ ନିମନ୍ତେ ଉଦ୍ଦିଷ୍ଟ ଜନକଲ୍ୟାଣକାରୀ ଯୋଜନା ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ କିଭଳି କାର୍ଯ୍ୟକାରୀ ହେଉଛି ଉପରୋକ୍ତ ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ବ୍ଲକ୍ ଓ ଜିଲା ପ୍ରଶାସନ ଉକ୍ତ ବିଧବା ମହିଳାଙ୍କ ପ୍ରତି ସଦୟ ହେବାକୁ ଚୈତନ୍ୟପୁର ଗ୍ରାମବାସୀ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ଖଣ୍ଡପଡା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ସହ ଯୋଗାଯୋଗ କରିବାରେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି।

# ଦାୟିତ୍ୱ ଗ୍ରହଣ କଲେ ନୂଆ ଜିଲାପାଳ

ନୟାଗଡ଼,୩୧।୧
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ନୂଆ ଜିଲାପାଳ ସ୍ୱଧାଦେବ ସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲାପାଳ ରବୀନ୍ଦ୍ର ନାଥ ସାହୁ ନୂଆ ଜିଲାପାଳଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଜିଲାପାଳ ସାହୁ ବୁଧବାର ଅବସର ଗ୍ରହଣ କରିଛନ୍ତି। ତେବେ ସାହୁ ଅବସର ପରେ ଫେବୃଆରୀ ୧ରୁ ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଭାବେ ପୁନଃ ନିଯୁକ୍ତି ପାଇଛନ୍ତି । ଗୁରୁବାର ସାହୁ ଦାୟିତ୍ୱ ଗ୍ରହଣ କରିବାର ରହିଛି । ଅନ୍ୟପକ୍ଷେ ୨୦୨୪ ନିର୍ବାଚନ ବର୍ଷ । ଜିଲାପାଳ ସ୍ୱଧାଦେବ ସିଂଙ୍କ ପାଇଁ ନୟାଗଡ଼ ଜିଲା ନୂଆ ହୋଇଥିବାରୁ ନିର୍ବାଚନ ପରିଚାଳନା ତାଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ହେବ ବୋଲି ଏଠାରେ ମତ ପ୍ରକାଶ ପାଇଛି ।


ପୂର୍ବତନ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ସହ ନୂତନ ଜିଲାପାଳ ସ୍ୱଧା ଦେବ ସିଂ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଶ୍ୱିନୀ


@ ସଂଗ୍ରାମ


@ ରାଜେଶରୋଶନ


@ ଶିବ


@ ସୋଫି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବାଇକ୍ ଚୋରି

**ଭାପୁର,୩୧।୧(ଭରତ କୁମାର ବେହେରା):** ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଏକ ବାଇକ୍ ଚୋରି ହୋଇ ଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଚକ୍ରଧରପ୍ରସାଦ ପଞ୍ଚାୟତ ଚକ୍ରଧରପ୍ରସାଦ ଗ୍ରାମର ଭାଗୀରଥୀ ଦାସ ତାଙ୍କ ଭିଣୋଇ ବୈକୁଣ୍ଠ ଜେନାଙ୍କୁ କୁକୁର କାମୁଡା ଇଞ୍ଜେକଶନ ଦେବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ବେଳେ ଏହି ଘଟଣା ଘଟିଛି । ସେ ଗାଡ଼ିକୁ ପାର୍କିଂ ହେଉଥିବା ସ୍ଥାନ ତଥା ସିସିଟିଭି ତଳେ ତାଙ୍କର ବାଇକ୍ (ନଂ.ଓଡି ୩୩କେ ୨୯୧୬) ମେଡିକାଲ ଭିତରକୁ ଯାଇଥିଲେ। କିଛି ସମୟ ପରେ ଭାଗୀରଥି ପାର୍କିଂ ସ୍ଥାନରେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ବିଭିନ୍ନ ସ୍ଥାନରେ ସେ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ବି ବାଇକ୍ ପାଇ ନ ଥିଲେ । ଏହାପରେ ସେ ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ ଆରମ୍ଭ କରିଛି ।

# ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପିତ

ନୟାଗଡ଼,୩୧।୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଉଳସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଓ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ନୂଆ - ଓ ସାହିତ୍ୟ ପ୍ରତିଯୋଗିତା ଏବଂ ଜଗନ୍ନାଥ ସଂସ୍କୃତି ଆଧାରିତ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।୭ ଦିନ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା । ପଞ୍ଚସଖା ସାହିତ୍ୟରେ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଦାଶ ସାରଗର୍ଭକ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଆଧାରିତ ତର୍କ ପ୍ରତିଯୋଗିତା, କୁଟ ପ୍ରଶ୍ନ, ଭଜନ ଗାୟନ, ଓଡ଼ିଆ କବିତା ଲିଖନ, ସ୍ଲୋଗାନ ଲିଖନ, ଓଡ଼ିଆ ଶବ୍ଦର ଗୋଲକ ଧନ୍ଦା, ଓଡ଼ିଆ ପ୍ରବନ୍ଧ ଲିଖନ, ଓଡ଼ିଆ ବ୍ୟାକରଣ, ଓଡ଼ିଆ ହସ୍ତାକ୍ଷର, ପାରମ୍ପରିକ ଓଡ଼ିଆ ଲୋକ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଓ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତି ଆଦି ପ୍ରତିଯୋଗିତାମାନ କରାଯାଇଥିଲା। ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ଉପରେ ଉପାଦେୟ ତଥ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ଶୁଣାଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତିଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ସରୋଜ କୁମାର ରଥ ସଂଯୋଜନା କରିଥିଲେ। ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ଦଳବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ। ଅଧ୍ୟାପକ ଆଲୋକ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଗୀତର ଆସର ଜମିଥିଲା। ପୁରସ୍କୃତ କରୁଛନ୍ତି।

# ଶାସ୍ତ୍ରୀୟ ଓଡ଼ିଆ ଭାଷାର ବୈଚିତ୍ର ଶୀର୍ଷକ ଆଲୋଚନାଚକ୍ର

ଶରଣକୁଳ,୩୧।୧(ଦୀପକ କର)

ଶରଣକୁଳ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ବୈଚିତ୍ର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଯୋଗେଶ୍ୱର ନାୟକ ସଭାପତିତ୍ୱ କରିଥିବା ବେଳେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧ୍ୟାପକ ଡ.ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟଅତିଥି, ଅଧ୍ୟାପକ ଡ.ବାନାମ୍ବର ପୃଷ୍ଟି ମୁଖ୍ୟବକ୍ତା, ଶରଣକୁଳ ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ଡ.ବ୍ୟୋମକେଶ ରଥ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଓଡ଼ିଶା ସରାକରଙ୍କର ଅନୁଦାନରୁ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଡ.ଗୋବିନ୍ଦ ଚନ୍ଦ୍ର ଦାସ ଓଡିଆ ପ୍ରାଚୀନ ସାହିତ୍ୟର ବୈଶିଷ୍ଟ୍ୟ,ତଥା ନୟାଗଡ଼ ଜିଲାର ବିଶିଷ୍ଟ କବି ଯଦୁମଣି,ଗଦାଧରସିଂ ସାମନ୍ତ, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ଆଦିଙ୍କ ଅବଦାନକୁ ସୁନ୍ଦର ଶୈଳୀରେ ଉପସ୍ଥାପନ କରିଥିଲେ । ମୁଖ୍ୟ ବକ୍ତା ଡ.ବାନାମ୍ବର ପୃଷ୍ଟି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାର ଯଥାର୍ଥତାକୁ ପ୍ରତିପାଦନ କରିଥିବା ବେଳେ ଡ.ବ୍ୟୋମକେଶ ରଥ ଉଚ୍ଚ ଶିକ୍ଷାରେ ଓଡ଼ିଆ ଭାଷାର ଉପଯୋଗ ଓ ଓଡ଼ିଆ ଭାଷାରେ ଗବେଷଣା ନିବନ୍ଧର ପ୍ରକାଶନ ଦ୍ୱାରା ଓଡ଼ିଆ ଭାଷା ସମୃଦ୍ଧ ହୋଇପାରିବ ବୋଲି ମତ ଦେଇଥିଲେ । ଏଥି ସହିତ ସରକାରଙ୍କ ସାମ୍ପ୍ରତିକ ପ୍ରଚେଷ୍ଟା ଏହାର ସମୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ । ସଭାପତି ଯୋଗେଶ୍ୱର ନାୟକ ଇଞ୍ଜିନିୟରିଂ ତଥା ମେଡିକାଲ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ଶିକ୍ଷାଦାନ କରିବା ପାଇଁ ସରକାରଙ୍କ ପ୍ରୟାସକୁ ସ୍ୱାଗତ କରିଥିବା ବେଳେ ଏହା ମାଧ୍ୟମରେ ବିକାଶ ହୋଇପାରିବ ବୋଲି ମତ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ଯୁକ୍ତ୨ ଏବଂ ଯୁକ୍ତ୩ର ଛାତ୍ରୀଛାତ୍ର ମହାବିଦ୍ୟାଳୟ ଅଧ୍ୟାପିକ, ଅଧ୍ୟାପକ ଏବଂ କର୍ମଚାରୀମାନେ ଯୋଗଦାନ କରିଥିଲେ । ଆଲୋଚନା ଚକ୍ରରେ ଯୁକ୍ତ୩ର ନୋଡାଲ ଅଧିକାରୀ ଅଧ୍ୟାପକ ମିଟୁ ସେନାପତି ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଯୁକ୍ତ ୨ର ନୋଡାଲ ଅଧିକାରୀ ଅଧ୍ୟାପକ ଦୁର୍ଗାଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସନ୍ତୁଷ୍ଟ କର୍ମୀ,ନେତାଙ୍କ ସଂକଳ୍ପ ସମାବେଶ

ନୟାଗଡ଼,୩୧।୧(ଲୋକନାଥ ମିଶ୍ର)

- ଦଶପଲ୍ଲା ବିଧାୟକଙ୍କୁ ବିରୋଧ
- ବାଇକ ରାଲିରେ ଅସନ୍ତୁଷ୍ଟଙ୍କ ଶକ୍ତି ପ୍ରଦର୍ଶନ

ନୟାଗଡ଼ ଜିଲାର ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଶାସକ ଦଳର ଅସନ୍ତୁଷ୍ଟ କର୍ମୀ ଓ ନେତା ମିଳିତ ହୋଇ ବୁଧବାର ସଂକଳ୍ପ ସମାବେଶ କରିବା ସହ ବାଇକ ରାଲି କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ହଟାଇବାକୁ ଗୋଟି ଚାଳନା କରିଛନ୍ତି। ଅସନ୍ତୁଷ୍ଟମାନେ ଦଳ ନ ଛାଡି ବିଜେଡିରେ ରହି ଦଳର ସଙ୍ଗଠନକୁ ମଜଭୁତ କରାଇ ବିଧାୟକଙ୍କ ସହ ଲଢ଼େଇ କରିବାକୁ ଶପଥ ନେଇଛନ୍ତି । ଦଳ ପକ୍ଷରୁ ୨୦୨୪ ନିର୍ବାଚନରେ ବିଧାୟକଙ୍କୁ ଟିକେଟ ଦିଆଗଲେ ଅନ୍ୟ ଦଳକୁ ନ ଯାଇ ସ୍ୱାଭିମାନ ମଞ୍ଚ ବ୍ୟାନରରେ ସ୍ୱାଧୀନ ପ୍ରାର୍ଥୀ ଦେଇ ଲଢ଼େଇ କରିବାକୁ ସଂକଳ୍ପ କରିଛନ୍ତି । ଗତ ପଞ୍ଚାୟତ ଓ ପୌର ନିର୍ବାଚନର ସଫଳତାକୁ ଶ୍ରେୟ କରି ସ୍ୱାଭିମାନ ମଞ୍ଚ ସଂକଳ୍ପ ସମାବେଶ ନାଁରେ ନିର୍ବାଚନ ପ୍ରଚାରକୁ ଲମ୍ଫ ପ୍ରଦାନ କରିଛି । ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ସ୍ୱାଭିମାନ ମଞ୍ଚର ଏଭଳି ପଦକ୍ଷେପ ଦଶପଲ୍ଲା ବିଧାୟକଙ୍କ ପାଇଁ ଅଡୁଆ ବଢ଼ାଇଛି । ଏହା ଶାସକ ଦଳର ଫାଟକୁ ସ୍ପଷ୍ଟ କରୁଛି ।



ସଂକଳ୍ପ ସମାବେଶରେ ଯୋଗ ଦେଇଥିବା ନେତୃବୃନ୍ଦ।

ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଦଶପଲ୍ଲା ବିଧାୟକ ବେହେରାଙ୍କ ବିରୋଧରେ କିଛି ଦିନ ହେଲା ଅସନ୍ତୋଷର ନିଆଁ ଜୁହୁଳିଥିଲା। ଧିରେ ଧିରେ ଏହି ନିଆଁ ବିସ୍ଫୋରକ ରୂପ ନେଉଛି। ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ବିରୋଧୀମାନେ ଏକଜୁଟ ହୋଇ ସ୍ୱାଭିମାନ ମଞ୍ଚ ଗଠନ କରିଥିଲେ । ମଞ୍ଚ ବ୍ୟାନରରେ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ଦେଇ ସଫଳତା ପାଇଥିଲେ। ଏପରିକି ପୌର ନିର୍ବାଚନରେ ଦଶପଲ୍ଲା ଏନଏସି ପଦକୁ ହାତେଇ ନେଇଥିଲେ । ସେହିଭଳି ପୋଖରୀଗୋଛା ପଞ୍ଚାୟତରେ ହୋଇଥିବା ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନରେ ସ୍ୱାଭିମାନ ମଞ୍ଚ ପ୍ରାର୍ଥୀ ବିଜୟୀ ହୋଇଥିଲେ। ପଞ୍ଚାୟତ ଓ ପୌର ନିର୍ବାଚନର ସଫଳତାକୁ ନେଇ ସ୍ୱାଭିମାନ ମଞ୍ଚ ପକ୍ଷରୁ ବୁଧବାର ଦଶପଲ୍ଲା ହାଟ ପଡିଆରେ ସଂକଳ୍ପ ସମାବେଶ କରାଯାଇଥିଲା । ସମାବେଶ ପୂର୍ବରୁ ମହାବୀର ମନ୍ଦିର ଠାରୁ ବ୍ଲକ ଛକ ହାଟ ପଡିଆ ପର୍ଯ୍ୟନ୍ତ ଏକ ବାଇକ ରାଲି ହୋଇଥିଲା । ସମାବେଶରେ ଦଶପଲ୍ଲା ସ୍ୱାଭିମାନ ମଞ୍ଚର ଆବାହକ ତଥା ବିଜେଡିର ପୂର୍ବତନ ଜିଲା ଉପସଭାପତି ପ୍ରଦୋଷ କୁମାର ଜେନାଙ୍କ ନେତୃତ୍ୱରେ ଦଶପଲ୍ଲା ଏନଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଶିମଳିସାହି ସରପଞ୍ଚ ସଞ୍ଜୟ କୁମାର ପଟ୍ଟନାୟକଙ୍କ ସମେତ କାଉନସିଲର, ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ। ବକ୍ତାମାନେ କହିଥିଲେ ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଦଶପଲ୍ଲା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଅନେକ କୋଟି ଟଙ୍କା ବ୍ୟୟ ବରାଦ କରି ବିକାଶ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସେପଟେ ବିଧାୟକ ଉନ୍ନତିରେ ବାଧକ ସାଜିବାରୁ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ସବୁଥିରେ ପଛୁଆ ହୋଇ ଯାଉଛି । ଦଳ ଶାସନରେ ଥାଇ କର୍ମୀ ଓ ନେତା ଉପେକ୍ଷିତ ହୋଇ ଚାଲିଛନ୍ତି। ନିର୍ବାଚନମଣ୍ଡଳୀରେ ବିଜେଡି ୪ ଭାଗରେ ବିଭକ୍ତ ହୋଇ ସାରିଲାଣି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀରୁ ପ୍ରିୟାପ୍ରୀତି ଦୁର୍ନୀତିକୁ ହଟାଇବାକୁ କର୍ମୀ ଓ ସମର୍ଥକଙ୍କୁ ବିଧାୟକଙ୍କ ବିରୋଧରେ କର୍ଣ୍ଣମନ୍ତ୍ର ଫୁଙ୍କାଯାଇଛି। ଏଥିପାଇଁ ବିଧାୟକଙ୍କୁ ହଟାଇ ନୂଆ ନେତାଙ୍କୁ ପ୍ରାର୍ଥୀ କରାଇବାକୁ ମଞ୍ଚ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି । ରବୀନ୍ଦ୍ର ସେଠୀଙ୍କୁ ମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇ ତାଙ୍କୁ ମଞ୍ଚର ନେତା ରୂପେ ଘୋଷଣା କରାଯାଇଛି । ଅପରପକ୍ଷେ ସଂକଳ୍ପ ସମାବେଶରେ ମଞ୍ଚର ନେତା ଶ୍ରୀହରି ନାୟକଙ୍କୁ ଦେଖିବାକୁ ମିଳି ନ ଥିଲା । ତାଙ୍କ ନାଁ କେହି ନେଉ ନ ଥିଲେ । ତେବେ ରବୀନ୍ଦ୍ର ସେଠୀ ଜିନ୍ଦାବାଦ ଓ ବିଧାୟକ ବିରୋଧରେ ନାରା ଶୁଣିବାକୁ ମିଳିଥିଲା । ଏନେଇ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ୭୦୦୮୫୧୩୪୬୬ ନଂ.କୁ ଯୋଗାଯୋଗ କରାଯାଇଥିଲା । ସେ ଫୋନ ଉଠାଇ ନ ଥିଲେ । ଦଳୀୟ ନେତା ତଥା ଦଶପଲ୍ଲା ବ୍ଲକର ପୂର୍ବତନ ବ୍ଲକ ସଭାପତି ଉପେନ୍ଦ୍ର କୁମାର ସାହୁ କହିଥିଲେ ବିଧାୟକଙ୍କ ଲୋକପ୍ରିୟତା ଓ ବିକାଶ ମୂଳକ କାର୍ଯ୍ୟରେ ଇର୍ଷା ପରାୟଣ ହୋଇ କେତେଜଣ ବିରୋଧି ଏପରି ହଟଚମଟ କରୁଛନ୍ତି । ସେମାନଙ୍କ ପଛରେ ଭୋଟର ନାହାନ୍ତି କି ଦଳୀୟ ସମର୍ଥନ ନାହିଁ । ସେମାନଙ୍କ ସମାବେଶ ଦଳରେ କିଛି ପ୍ରଭାବ ପକାଇବ ନାହିଁ ।

